

ପଞ୍ଚମ ବର୍ଷ ● ଦ୍ୱିତୀୟ ସଂଖ୍ୟା
ଜାନୁଆରୀ-ଫେବୃଆରୀ, ୨୦୨୦

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ କଟକର କରକମଳରେ
ସ୍ୱର୍ଗଧାମ ଶ୍ମଶାନଠାରେ ସହିଦସ୍ତମ୍ଭ "ତୁଝେ ସଲାମ" ଓ
ସହିଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ମଞ୍ଚାସୀନ ଅତିଥିବୃନ୍ଦ



ସ୍ୱାମୀଜୀଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି ମହାମହିମ ରାଜ୍ୟପାଳ



ଉନ୍ମୋଚନ କାର୍ଯ୍ୟକ୍ରମ ଉପଲକ୍ଷେ ଯଜ୍ଞ



ସ୍ୱର୍ଗଧାମ ପରିଚୟ ପୁସ୍ତିକା ଉନ୍ମୋଚନ





ଶହୀଦଙ୍କ ମାତା-ପିତାଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି ସ୍ୱାମୀଜୀ, ଭବାନୀଚରଣ ପଟ୍ଟନାୟକ ଓ ଶରତ ସାହୁ ପ୍ରମୁଖ



ଶହୀଦଙ୍କ ମାତା-ପିତାଙ୍କୁ ସମ୍ବର୍ଦ୍ଧନା



ଯଜ୍ଞରେ ସମବେତ ବେଦ ପ୍ରଚାର ସମିତିର କର୍ମକର୍ତ୍ତା




ଯଜ୍ଞରେ ସମବେତ ବେଦ ପ୍ରଚାର ସମିତିର କର୍ମକର୍ତ୍ତା



ସେମିଳିଗୁଡ଼ା ଆର୍ଯ୍ୟସମାଜର କର୍ମକର୍ତ୍ତାଙ୍କ ସହ ସ୍ୱାମୀଜୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଡଃ. ଲଳିତମଞ୍ଜରୀ ସାହୁ**

ପରିଚାଳନା ମଣ୍ଡଳୀ
**ଇଂ. ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଇଂ. ନାରାୟଣ ପଣ୍ଡା**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



**Shruti Sourabha**
Spiritual Social Vedic Magazine
Bimonthly
Vol-5, Issue-2, Jan-Feb. 2020

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


୦୧. ଆତ୍ମା ଅଛି କି? ୦୨
୦୨. ଆମେ କଲ୍ୟାଣ ମାର୍ଗର ପଥିକ ହେଉ ୧୧
୦୩. ପୁନର୍ଜନ୍ମ ୨୭


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଆତ୍ମା ଅଛି କି ?

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ. —** ଆମେ ଶୁଣିବାକୁ ପାଉ ଯେ ପ୍ରତ୍ୟେକ ଶରୀର ଭିତରେ ଆତ୍ମା ଅଛି। ତେବେ କ'ଣ ଆତ୍ମା ବୋଲି କିଛି ବାସ୍ତବରେ ଅଛି କି ?

**ସ୍ୱାମୀଜୀ —** ସଂସାରରେ ଦୁଇ ପ୍ରକାର ସତ୍ତା ଦେଖିବାକୁ ମିଳେ। କିଛି ପଦାର୍ଥ ଆମେ ଦେଖୁଛେ ଯେଉଁଗୁଡ଼ିକର କି ଅନୁଭବ କରିବାର କ୍ଷମତା ନାହିଁ। ସେଗୁଡ଼ିକୁ କୁହାଯାଏ ଜଡ଼ ପଦାର୍ଥ। ଯଥା— ଚଉକି, ମେଜ, ଖଟ, ପଲଙ୍କ, ମାଟି, ପାଣି, ପବନ ଇତ୍ୟାଦି। ଆଉ କିଛି ସତ୍ତା ଦେଖୁ ଯାହାର ଅନୁଭବ କରିବା କ୍ଷମତା ଥାଏ। ସେମାନଙ୍କୁ ଚେତନ ପଦାର୍ଥ କୁହାଯାଏ। ଯଥା— ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି। ମଣିଷ, ପଶୁ, ପକ୍ଷୀ ଆଦି ସକଳ ପ୍ରାଣୀଙ୍କ କ୍ଷେତ୍ରରେ ଦୁଇ ପ୍ରକାର ସ୍ଥିତି ଦେଖାଯାଏ। ଗୋଟିଏ ସ୍ଥିତିରେ ତ ସେମାନଙ୍କର ଦେଖିବା, ଶୁଣିବା, ଶୁଂଘିବା, ଚାଖିବା, ସୁଖ-ଦୁଃଖ ଜାଣିବା ଆଦି ଅନୁଭବ ହୋଇଥାଏ। ସେହି ସ୍ଥିତିକୁ ସେମାନଙ୍କର ଜୀବିତ ସ୍ଥିତି କୁହାଯାଏ। ଅନ୍ୟ ଏକ ସ୍ଥିତିରେ ସେମାନେ ଏସବୁ କିଛି ଅନୁଭବ କରିପାରନ୍ତି ନାହିଁ। ସେ ସ୍ଥିତିକୁ ମୃତ ସ୍ଥିତି କୁହାଯାଏ। ଏହି ସ୍ଥିତିରେ ଶରୀର ବିଦ୍ୟମାନ ଥିବା ସତ୍ତ୍ୱେ ସେ କିଛି ମଧ୍ୟ ଅନୁଭବ କରିପାରୁନଥିବାରୁ ଜଣାଯାଉଛି କି ଶରୀର ବସ୍ତୁତଃ ଏକ ଜଡ଼ ପଦାର୍ଥ। ମୃତ ସ୍ଥିତିର ଅର୍ଥ ଶରୀରରେ ପୂର୍ବରୁ ଏପରି କୌଣସି ଶକ୍ତି ଥିଲା ଯିଏ କି ସବୁ ଅନୁଭବ କରୁଥିଲା ଏବଂ ସିଏ ବାହାରିଯିବାରୁ ବର୍ତ୍ତମାନ ଶରୀରରେ ଅନୁଭବ କରିବା କାମ ଆଉ ହେଉନାହିଁ। ସେହି ଅନୁଭବକାରୀ ସତ୍ତାକୁ ଆତ୍ମା ବୋଲି କୁହାଯାଇଛି। ତେଣୁ ଆତ୍ମା ହେଉଛି ଏକ ଚେତନ ସତ୍ତା। ଅତଃ ପ୍ରାଣୀ କହିଲେ ଦୁଇଟି ସତ୍ତାର ସମାହାର— ଗୋଟିଏ ହେଲା ଜଡ଼ ଶରୀର, ଆଉ ଅନ୍ୟଟି ହେଲା ଚେତନ ଆତ୍ମା। ଏ ଦୁଇଟି ମିଶି ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ଯାହା ବି ପ୍ରାଣୀ ଅଛନ୍ତି ସକଳ ସୃଷ୍ଟି ହୋଇଛନ୍ତି।

**ପ୍ର.କ. —** ତେବେ ଆତ୍ମା କାହାକୁ କହିବା ?

**ସ୍ୱାମୀଜୀ —** 'ଆତ୍ମା' ଏକ ସଂସ୍କୃତ ଶବ୍ଦ। **'ଅତ ସାତତ୍ୟଗମନେ'** ଧାତୁରୁ **'ଆତ୍ମା'** ଶବ୍ଦ ନିଷ୍ପନ୍ନ। 'ସାତତ୍ୟ' ଅର୍ଥ ନିରନ୍ତର ଭାବେ। ଗମନ ଅର୍ଥ ଗତି କରିବା। ସଂସ୍କୃତରେ ଯେଉଁ 'ଗତି' ଶବ୍ଦ ଅଛି ତା'ର ତିନୋଟି ଅର୍ଥ। **'ଗତେସ୍ତ୍ରୟୋଽର୍ଥାଃ - ଜ୍ଞାନଂ ଗମନଂ ପ୍ରାପ୍ତିଶ୍ଚେତି'** (ସ. ପ୍ର. ୧ମ ସମୁ.) — 'ଗତି'ର ତିନୋଟି ଅର୍ଥ - ଜ୍ଞାନ, ଗମନ ଓ ପ୍ରାପ୍ତି। ଯଥା— ଆମେ କହୁ କି 'ମୋର ଏହି ବିଷୟରେ ଗତି ନାହିଁ' ଅର୍ଥାତ୍ ମୋର ଏହି ବିଷୟରେ ଜ୍ଞାନ ନାହିଁ। 'ତାହାର ସଦ୍‌ଗତି ହେଉ' ଅର୍ଥାତ୍, ତାକୁ ଉତ୍ତମ ସ୍ଥିତି ପ୍ରାପ୍ତ, ଉପଲବ୍ଧି ହେଉ। ବର୍ତ୍ତମାନ ଆମେ ଦେଖିବା ଯେ ଏହି ଧାତୁ ଆଧାରରେ 'ଆତ୍ମା'ର ଅର୍ଥ କ'ଣ ଜଣାଯାଉଛି ? 'ଉଣାଦିକୋଷ'ର ବ୍ୟାଖ୍ୟାରେ ମହର୍ଷି ଦୟାନନ୍ଦ ସରସ୍ୱତୀ ବଡ଼ ସୁନ୍ଦର ଭାବରେ 'ଆତ୍ମା'ର ବ୍ୟୁତ୍ପତ୍ତି ଲେଖିଛନ୍ତି — **'ଅତତି ନିରନ୍ତରଂ କର୍ମଫଳାନି ପ୍ରାପ୍ନୋତି ବା ସ ଆତ୍ମା'** (ଉଣାଦି. ୪:୧୫୪)। ଅନ୍ୟ ବ୍ୟାଖ୍ୟାକାରମାନେ ବି ଏହିପରି ଅର୍ଥ ଦେଇଛନ୍ତି — **'ଅତତି ନିରନ୍ତରଂ କର୍ମଫଳାନି ପ୍ରାପ୍ନୋତି ବ୍ୟାପ୍ନୋତି ବା ଯୋନ୍ୟନ୍ତରାଣି ସ ଆତ୍ମା'** — ଯିଏ ନିରନ୍ତର ଭାବରେ କର୍ମଫଳ ପ୍ରାପ୍ତ କରିଚାଲେ ଏବଂ ଶରୀରରୁ ଶରୀରକୁ ନିୟମିତ ଭାବରେ ଗତି କରେ, ତାକୁ ଆତ୍ମା କୁହାଯାଏ।

**ପ୍ର.କ. —** ଶରୀର ଦ୍ୱାରା ହେଉଥିବା କାର୍ଯ୍ୟକଳାପ ଆତ୍ମା ଦ୍ୱାରା ହିଁ ହୁଏ ବୋଲି କେମିତି ନିଶ୍ଚିତ କରି କୁହାଯାଇପାରିବ ?

**ସ୍ୱାମୀଜୀ —** ପୂର୍ବରୁ ଆମେ ଆଲୋଚନା କରିଛେ କି ଆଜି ଆମେ ଯେଉଁ ଶରୀରକୁ ଚାଲୁଥିବା-ବୁଲୁଥିବା, କହୁଥିବା-ଶୁଣୁଥିବା, ଖାଉଥିବା-ପିଉଥିବା ଆଦି ସ୍ଥିତିରେ ଦେଖୁଛେ, ଏ ଶରୀରରେ ଏମିତି ଗୋଟିଏ ସ୍ଥିତି ଆସେ, ଯେତେବେଳେ ଶୁଣିବା, ଦେଖିବା, କଥା କହିବା, ଖାଇବା, ପିଇବା, ଚାଲିବା, ବୁଲିବା, ଶ୍ୱାସ-ପ୍ରଶ୍ୱାସ ଆଦି ସବୁ କ୍ରିୟା-କଳାପ ବନ୍ଦ ହୋଇଯାଏ। କାହିଁକି ଏପରି ହୁଏ ? କାହା ଯୋଗୁଁ ହୁଏ ? ଆମେ କହୁ କି ଶରୀରରୁ ଆତ୍ମା ଚାଲିଯିବାରୁ ଏପରି ହୁଏ। ଋଷି-ମନୀଷୀଗଣ ଗୋଟିଏ ସୁନ୍ଦର ନିୟମ ଏ ବିଷୟରେ ଦେଇଛନ୍ତି— **'ଯାହାର ବିଦ୍ୟମାନତା ଯୋଗୁଁ ଯେଉଁ କାର୍ଯ୍ୟ ସମ୍ପନ୍ନ ହୁଏ ଏବଂ ଅବିଦ୍ୟମାନତାରେ ସେହି କାର୍ଯ୍ୟ ସମ୍ପନ୍ନ ହୋଇପାରେ ନାହିଁ, ସେହି କାର୍ଯ୍ୟ ସେହି ପଦାର୍ଥର ଅଟେ।'** ଏଇଟା ଗୋଟିଏ ବଡ଼ ଗୁରୁତ୍ୱପୂର୍ଣ୍ଣ ପରିଭାଷା। ଉଦାହରଣସ୍ୱରୂପ, ଆମେ ଆଖିରେ ରୂପ ଦେଖୁଛେ। ରୂପ ଯେ କେବଳ ଆଖି ଦ୍ୱାରା ହିଁ ଦେଖାଯାଏ, ଅନ୍ୟ କୌଣସି ଇନ୍ଦ୍ରିୟ ଦ୍ୱାରା ଦେଖାଯାଇପାରେ ନାହିଁ - ଏ ବିଷୟରେ ଆମେ କେମିତି ନିଷ୍କର୍ଷରେ ପହଞ୍ଚିବା ? ଗୋଟିଏ ସ୍ଥିତି ଆସେ ଯେତେବେଳେ ଆମେ ରୂପ ଦେଖିପାରୁନାହୁଁ। କେତେବେଳେ ? ଯେତେବେଳେ ଆଖିରେ ପରଳ ପଡ଼ିଯାଏ, ଆଖି ଖରାପ ହୋଇଯାଏ, କି ଡୋଳା ନଷ୍ଟ ହୋଇଯାଏ, ଆମେ ସେତେବେଳେ ଦେଖିପାରିନଥାଉ । ସେତେବେଳେ ଆମର କାନ, ନାକ, ପାଟି, ହାତ, ଗୋଡ଼ ଆଦି ବାକି ସବୁ ଇନ୍ଦ୍ରିୟ, ଅଙ୍ଗ-ପ୍ରତ୍ୟଙ୍ଗ ତ ଠିକ୍-ଠାକ୍ ଅଛନ୍ତି। ତଥାପି ଆମେ ଦେଖିପାରୁନୁ କାହିଁକି ? ତେଣୁ ଦେଖିବା କେଉଁ ଇନ୍ଦ୍ରିୟର କାମ ?

**ପ୍ର.କ. —** ଆଖିର କାମ।

**ସ୍ୱାମୀଜୀ —** ଠିକ୍। କାହିଁକି ନା, ଆଖି ଠିକ୍ ଥିଲେ ଆମେ ଦେଖିପାରୁଥିଲୁ, ଆଖି ନଷ୍ଟ ହୋଇଯିବାରୁ ଦେଖି ପାରିଲୁନି। ମନେକରନ୍ତୁ, କୌଣସି କାରଣରୁ ଆମର କାନ ଖରାପ ହୋଇଗଲା, ଶ୍ରବଣ-ଶକ୍ତି ନଷ୍ଟ ହୋଇଗଲା। ଆଉ ସବୁ ଅଙ୍ଗ-ପ୍ରତ୍ୟଙ୍ଗ ଠିକ୍ ଅଛି। ସେତେବେଳେ ଆମେ ଶବ୍ଦ ଶୁଣିପାରୁନାହୁଁ। ତା'ର ଅର୍ଥ ହେଉଛି ଶୁଣିବା କାମ କାନର। ସେମିତି ଶରୀର ଥାଇ ମଧ୍ୟ ଯାହାର ଅବିଦ୍ୟମାନତା ଯୋଗୁଁ ନା ଆଖି କାମ କରେ ନା ପାଟି, ନା ନାକ କାମ କରେ ନା କାନ, ନା ହାତ କାମ କରେ ନା ଗୋଡ଼, ନା ମୁଣ୍ଡ କାମ କରେ, କେହି କରିପାରନ୍ତି ନାହିଁ, ତେଣୁ ସେହିସବୁ କାମ ସେହି ସତ୍ତାର ଯାହାର ବିଦ୍ୟମାନତାରେ କି ସେହି କାମ ସବୁ ହେଉଥିଲା। ସେହି ତତ୍ତ୍ୱ ହେଲା ଆତ୍ମା।

**ପ୍ର.କ. —** ଆପଣ କହିଲେ ଯେ ମଣିଷ ହେଉ କି ଯେକୌଣସି ଜୀବଜନ୍ତୁ ସମସ୍ତେ ଆତ୍ମା ଓ ଶରୀର ଏ ଦୁଇଟା ସତ୍ତାର ସମାହାର। ଯଦି ଆମେ ଆତ୍ମାର ବିଷୟକୁ ବିଚାରକୁ ନେବା, ତେବେ ଆତ୍ମାର କିଛି ଗୋଟିଏ ଆକାର, କିଛି ଗୋଟିଏ ସ୍ୱରୂପ, ଏମିତି ତ ଆମେ କେବେ କିଛି ବି ଦେଖିନେ, ଅନୁଭବ କରିନେ ଯେ ଆତ୍ମା ଏତିକି ମୋଟା କି ପତଳା, ଡେଙ୍ଗା କି ଗେଡ଼ା, ଛୋଟ କି ବଡ଼, କଳା କି ଧଳା... ଆଦି। ତେଣୁ ଆମେ କେମିତି ସ୍ୱୀକାର କରିବା ଯେ ସତରେ ଆତ୍ମା ବୋଲି ଏଭଳି ଏକ ସତ୍ତା ଅଛି ବୋଲି ?

**ସ୍ୱାମୀଜୀ —** କେବଳ ତୁମେ ନୁହଁ ତୁମ ଭଳି ଆହୁରି ଅନେକଙ୍କର ମଧ୍ୟ ଏଭଳି ବିଚାର ଅଛି। ଆତ୍ମାର ଅସ୍ତିତ୍ୱକୁ ନେଇ ସଂସାରର ଲୋକଙ୍କ ମଧ୍ୟରେ ମୁଖ୍ୟତଃ ୨ ପ୍ରକାର ମତ ଦେଖାଯାଏ। ଗୋଟିଏ ବର୍ଗର ଲୋକ ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ। ସେମାନେ କହନ୍ତି କି ଶରୀର ହିଁ ସବୁ କିଛି, ଆତ୍ମା ବୋଲି ଶରୀର ଠାରୁ ଭିନ୍ନ କୌଣସି ଚେତନ ସତ୍ତା ନାହିଁ। ସେମାନଙ୍କ ବିଚାର ହେଲା — **'ନ ସ୍ୱର୍ଗୋ ନାଽପବର୍ଗୋ ବା ନୈବାତ୍ମା ପାରଲୌକିକଃ'** (ସର୍ବଦର୍ଶନ. ଚାର୍ବାକଦର୍ଶନ) — ନା ସ୍ୱର୍ଗ ଅଛି, ନା ଅପବର୍ଗ ଏବଂ ନା ପରଲୋକକୁ ଯାଉଥିବା କୌଣସି ଆତ୍ମା। ଅନ୍ୟ ବର୍ଗର ଲୋକେ ଶରୀର ଠାରୁ ଭିନ୍ନ ଏକ ଚେତନ ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି।

**ପ୍ର.କ. —** ଆପଣ କହିଲେ କି ଶରୀରରେ ଆତ୍ମା ଥିଲେ ତାକୁ ଜୀବିତ ଓ ଆତ୍ମା ଚାଲିଗଲେ ମୃତ କୁହାଯାଏ। ଜଣେ ବ୍ୟକ୍ତି ମରିଗଲେ କୁହାଯାଏ ଯେ ସେହି ଶରୀରରୁ ଆତ୍ମା ଚାଲିଗଲା। ମନରେ ବିଚାର ଉଠୁଛି କି ଯେମିତି ଆମେ ଦେଖୁଛେ ଯେ ପିମ୍ପୁଡ଼ିଟିଏ ଗଲାବେଳେ

ଦେଖାଯାଉଛି, ଗାଈଟିଏ ଗଲାବେଳେ ଦେଖାଯାଉଛି, ଛେଳିଟିଏ ଗଲାବେଳେ ଦେଖାଯାଉଛି, ମଣିଷଟିଏ ଗଲାବେଳେ ଦେଖାଯାଉଛି, ସେମିତି ଯଦି ଆତ୍ମା ବୋଲି ଶରୀରରେ କିଛି ଥାଆନ୍ତା, ତେବେ ମୃତ୍ୟୁରେ ଆତ୍ମା ଶରୀରରୁ ବାହାରିକି ଗଲାବେଳେ ଦେଖାଯାଇଥାଆନ୍ତା। କିନ୍ତୁ ଯେହେତୁ ମୃତ୍ୟୁ ସମୟରେ ଶରୀରରୁ କିଛି ଗୋଟିଏ ବାହାରିକି ଯିବାର ଦେଖାଯାଉନି, ତେଣୁ ଆତ୍ମା ବୋଲି କିଛି ନାହିଁ।

**ସ୍ୱାମୀଜୀ —** ଏଭଳି ବିଚାରକୁ ଶାସ୍ତ୍ରରେ ଖଣ୍ଡନ କରାଯାଇଛି। ଶାସ୍ତ୍ରରେ କୁହାଯାଇଛି ଯେ କେବଳ ପ୍ରତ୍ୟକ୍ଷ ହିଁ ଏକମାତ୍ର ପ୍ରମାଣ ନୁହେଁ। ଆଖିରେ ଯାହା ଦେଖାଯିବ, କେବଳ ତାହାର ଅସ୍ତିତ୍ୱକୁ ହିଁ ସ୍ୱୀକାର କରାଯିବ ଏବଂ ଆଖିରେ ଯାହା ଦେଖାଯିବ ନାହିଁ ତା'ର ଅସ୍ତିତ୍ୱକୁ ସ୍ୱୀକାର କରାଯାଇପାରିବ ନାହିଁ, ଏମିତି କୌଣସି ସର୍ବତନ୍ତ୍ର ସିଦ୍ଧାନ୍ତ ଅର୍ଥାତ୍ ସର୍ବସ୍ୱୀକୃତ ନିୟମ ନାହିଁ। ସାଂଖ୍ୟଦର୍ଶନରେ କୁହାଯାଇଛି—

**ଅସ୍ତ୍ୟାତ୍ମା ନାସ୍ତିତ୍ୱସାଧନାଭାବାତ୍।** (ସାଂଖ୍ୟ. ୬:୧)

**(ଅସ୍ତି ଆତ୍ମା)** ଚେତନ ଜୀବାତ୍ମା ଅଛି। କାହିଁକି ? କାରଣ **(ନାସ୍ତିତ୍ୱ)** ଆତ୍ମା ନ ଥିବାର **(ସାଧନ)** ସାଧନ, ହେତୁ **(ଅଭାବାତ୍)** ଅଭାବରୁ।

କୌଣସି ବସ୍ତୁ ଅଛି ନା ନାହିଁ ଏହା ତା'ର ସାଧନ-ପ୍ରମାଣ ଉପରେ ନିର୍ଭର କରେ। କୌଣସି ବସ୍ତୁର ଅସ୍ତିତ୍ୱର ବାଧକ ପ୍ରମାଣ ଅର୍ଥାତ୍ ଖଣ୍ଡନ କରୁଥିବା ପ୍ରମାଣ ଦେଲେ ବସ୍ତୁଟି ନାହିଁ ବୋଲି ସ୍ୱୀକାର କରାଯାଏ। ଆତ୍ମାର ଅସ୍ତିତ୍ୱ ନାହିଁ ବୋଲି ତୁମେ ଯେଉଁ ହେତୁ ଦେଲ ଯେ ଯଦି ଶରୀର ଠାରୁ ଅଲଗା ତତ୍ତ୍ୱ ଆତ୍ମା ବୋଲି କିଛି ଜୀବିତ ଶରୀରରେ ଥାଆନ୍ତା, ତେବେ ମୃତ୍ୟୁରେ ଆତ୍ମା ଶରୀରରୁ ବାହାରିକି ଗଲାବେଳେ ଆମକୁ ଦେଖାଯାଇଥାଆନ୍ତା। ଯେହେତୁ ଦେଖାଯାଉନାହିଁ, ତେଣୁ ଆତ୍ମା ନାହିଁ। କିନ୍ତୁ ଯେଉଁ-ଯେଉଁ ପଦାର୍ଥ ଆଖିରେ ଦେଖାଯାଏ, କେବଳ ସେଗୁଡ଼ିକ ଅଛନ୍ତି ଏବଂ ଯେଉଁ-ଯେଉଁ ପଦାର୍ଥ ଆଖିରେ ଦେଖାଯାନ୍ତି ନାହିଁ ସେଗୁଡ଼ିକ ନାହାନ୍ତି ବୋଲି ସ୍ୱୀକାର କରାଯାଇପାରିବ ନାହିଁ। କାରଣ ବହୁତ ପଦାର୍ଥ ଥାଇ ମଧ୍ୟ ଦେଖାଯାଉନାହାନ୍ତି।

ଦେଖାଯାଉନଥିବା ସତ୍ତ୍ୱେ ମଧ୍ୟ ଅନେକ ପଦାର୍ଥର ଅସ୍ତିତ୍ୱକୁ ଆମେ ସ୍ୱୀକାର କରୁଛେ। କାହିଁକି ? ଏଇଥିପାଇଁ ଯେ ଏଭଳି ଅନେକ ପରିସ୍ଥିତି ଅଛି ଯେଉଁ ସ୍ଥିତିରେ ପଦାର୍ଥ ବିଦ୍ୟମାନ ଥାଇ ସୁଦ୍ଧା ଦେଖାଯାଇନଥାଏ। ଏ ବିଷୟରେ ସାଂଖ୍ୟଦର୍ଶନକାର କହନ୍ତି—

**ବିଷୟୋଽବିଷୟୋଽପ୍ୟତିଦୂରାଦେର୍ହାନୋପାଦାନାଭ୍ୟାମିନ୍ଦ୍ରିୟସ୍ୟ।** (ସାଂଖ୍ୟ. ୧:୧୦୮)

**(ବିଷୟଃ)** ବିଷୟ(ବିଦ୍ୟମାନ ପଦାର୍ଥ) **(ଅପି)** ମଧ୍ୟ **(ଇନ୍ଦ୍ରିୟସ୍ୟ)** ଇନ୍ଦ୍ରିୟର **(ଅବିଷୟଃ)** ବିଷୟ(ଇନ୍ଦ୍ରିୟ-ଗୋଚର) ହୋଇପାରେ ନାହିଁ, **(ଅତିଦୂରାଦେଃ)** ଅତିଦୂର ଆଦି କାରଣରୁ, **(ହାନୋପାଦାନାଭ୍ୟାମ୍)** (ଇନ୍ଦ୍ରିୟର) ହାନ ଓ ଉପାଦାନ କାରଣରୁ।

ଅନେକ କାରଣରୁ ପଦାର୍ଥ ବିଦ୍ୟମାନ ଥାଇ ସୁଦ୍ଧା ଇନ୍ଦ୍ରିୟ-ଗୋଚର ହୋଇପାରିନଥାଏ। ସେ କାରଣଗୁଡ଼ିକ ହେଲା—

**୧. ଅତିଦୂର —** କୌଣସି ପଦାର୍ଥ ଆଖିରେ ଦେଖାଯିବା ପାଇଁ ଦୂରତା ସମ୍ବନ୍ଧୀୟ ଏକ ସୀମା ଅଛି। ସେ ସୀମା ବାହାରେ ଥିବା ପଦାର୍ଥ ଦୃଷ୍ଟିଗୋଚର ହୁଏ ନାହିଁ। ଯଥା— ଆକାଶରେ ବହୁ ଦୂରରେ ଉଡୁଥିବା ପକ୍ଷୀ ଆଖିକୁ ଦେଖାଯାଏ ନାହିଁ। ସେଇ ପକ୍ଷୀ ଯଦି ଆଖିର ଦେଖାଯିବା ସୀମା ଭିତରକୁ ଚାଲିଆସେ ତେବେ ଦେଖାଯାଇଥାଏ। ସେହିଭଳି ଆମେ ସମୁଦ୍ରକୂଳରେ ଥିବା ବେଳେ ଲକ୍ଷ୍ୟ କରିଥିବା ଯେ କେତେକ ବୋଇତ ବହୁଦୂରରେ ଥିବା ବେଳେ ଦେଖାଯାଉନଥାନ୍ତି, ଅଥଚ ପାଖେଇ-ପାଖେଇ ଆସିଲେ ଧୀରେ-ଧୀରେ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଦେଖାଯାନ୍ତି।

**୨. ଅତିସାମୀପ୍ୟ —** ସୂତ୍ରରେ 'ଅତିଦୂର' ସହ ଯେଉଁ 'ଆଦି' ପଦ ଅଛି ତଦ୍ଦ୍ୱାରା ଅତିସାମୀପ୍ୟ ଆଦି ଅନ୍ୟ ସମ୍ଭାବ୍ୟ କାରଣଗୁଡ଼ିକ ମଧ୍ୟ ଗୃହୀତ ହୁଅନ୍ତି। ଆଖିର ଅତି ନିକଟରେ ଥିବା ପଦାର୍ଥ ମଧ୍ୟ ଆଖିକୁ ଦେଖାଯାଇନଥାଏ। ଯଥା— ଆମେ ଆଖିରେ କଜ୍ଜ୍ୱଳ ଲଗାଇବା ବେଳେ ଦର୍ପଣରେ ଦେଖି କାହିଁକି ଲଗାଉଛେ ? କାରଣ ଆଖିର ଡୋଳା ପାଖରେ ତ କଜ୍ଜ୍ୱଳ ଲଗାଉଛେ, କିନ୍ତୁ ଠିକ୍ ଲଗାଉଛେ କି ନାହିଁ

ତାହା ସେହି ଆଖି ଦ୍ୱାରା ଦେଖିପାରୁନେ । ଦର୍ପଣ ଆଖିଠାରୁ କିଛି ଦୂରରେ ଥିବାରୁ ଦର୍ପଣରେ ପ୍ରତିଫଳିତ ଆମ ଆଖିର ଚିତ୍ର ଦେଖି ଠିକ୍ ଭାବେ ଲଗାଇପାରୁଛେ ।

**୩. ହାନ —** ହାନର ଅର୍ଥ ଇନ୍ଦ୍ରିୟ-ଶକ୍ତିର ହାନି, ଇନ୍ଦ୍ରିୟର ବିକୃତି ଅଥବା ଦୁର୍ବଳତା । ଯଥା— ଆଖି ଖରାପ ହୋଇଗଲେ, ଅନ୍ଧ ହୋଇଗଲେ ରୂପ ଦେଖିହୁଏ ନାହିଁ । କାନ ଖରାପ ହୋଇଗଲେ, ବଧିର ହୋଇଗଲେ ଶବ୍ଦ ଶୁଣିହୁଏ ନାହିଁ । ଅନେକ ସମୟରେ ଆମେ ଅନୁଭବ କରିଥିବା ଯେ ଜୋର୍‌ରେ ଥଣ୍ଡା-ସର୍ଦ୍ଦି ହୋଇଥିଲେ ସୁଗନ୍ଧ-ଦୁର୍ଗନ୍ଧ ମଧ୍ୟ ଜଣାପଡ଼ିନଥାଏ ।

**୪. ଉପାଦାନ —** ଇନ୍ଦ୍ରିୟ ଓ ବିଷୟ ମଧ୍ୟରେ ଅନ୍ୟ କୌଣସି ମୂର୍ତ୍ତିମାନ୍ ବସ୍ତୁ ରହିଯିବା । ଯଥା— କାନ୍ଥ କି ପରଦା ପଛରେ ବିଦ୍ୟମାନ ଥିବା ବସ୍ତୁ ମଧ୍ୟ ଦେଖାଯାଇନଥାଏ । ଉପାଦାନର ଅନ୍ୟ ଏକ ଅର୍ଥ ହେଲା ଯେ ଅନ୍ୟ କୌଣସି ଇନ୍ଦ୍ରିୟର ପ୍ରଭାବ ଅଧିକ ହେବା । ଉଦାହରଣସ୍ୱରୂପ— ଆମେ ବଗିଚାରେ ବସି ପବନରେ ଭାସି ଆସୁଥିବା କୌଣସି ଫୁଲର ସୁଗନ୍ଧ ଆଘ୍ରାଣରେ ମଗ୍ନ ହୋଇଯାଇଥିଲେ । ହଠାତ୍ ଆମ ପିଠି ଉପରେ କ'ଣ ଗୋଟାଏ ଦୁଲ୍ କରି ପଡ଼ିଲା । ପିଠିରେ ତୀବ୍ର ଯନ୍ତ୍ରଣା ଆରମ୍ଭ ହେଲା । ପିଠିର ଏ ଯନ୍ତ୍ରଣା କାରଣରୁ ବର୍ତ୍ତମାନ ସେ ସୁଗନ୍ଧ ସେମିତି ଆସୁଥିଲେ ବି ଆଉ ଜଣାପଡୁନି ।

ବିଦ୍ୟମାନ ପଦାର୍ଥ ଦେଖା ନ ଯିବାର ଅନ୍ୟ ଏକ କାରଣ ମଧ୍ୟ ମହର୍ଷି କପିଳ ଉଲ୍ଲେଖ କରିଛନ୍ତି—

**ସୌକ୍ଷ୍ମ୍ୟାତ୍ ତଦନୁପଲବ୍‌ଧିଃ ।** (ସାଂଖ୍ୟ. ୧:୧୦୯)

ସୂକ୍ଷ୍ମତା କାରଣରୁ ବି ବସ୍ତୁ ଦେଖାଯାଇନଥାଏ । ଆଖିରେ ଦେଖାଯିବାର ଆକାର ଠାରୁ ସୂକ୍ଷ୍ମ ଆକାରର ପଦାର୍ଥ ଖାଲି ଆଖିରେ ଦେଖାଯାଇନଥାଏ । ଯଥା— ଅଣୁଜୀବ (Bacteria) । ଅନେକ ପଦାର୍ଥ ଏତେ ସୂକ୍ଷ୍ମ ଯେ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ମଧ୍ୟ ଦେଖାଯାଏ ନାହିଁ । ଯଥା— ପରମାଣୁ ।

ପୂର୍ବସୂତ୍ରରେ 'ଅତିଦୂର' ସହ ଥିବା 'ଆଦି' ପଦ ଦ୍ୱାରା ଅତିସାମୀପ୍ୟ ଆଦି ଯେଉଁ ଅନ୍ୟ ସମ୍ଭାବ୍ୟ କାରଣଗୁଡ଼ିକ କଥା ଚର୍ଚ୍ଚା କରାଯାଇଛି 'ସାଂଖ୍ୟକାରିକା'ରେ ଈଶ୍ୱରକୃଷ୍ଣ କୌଣସି ବିଦ୍ୟମାନ ପଦାର୍ଥର ଅନୁପଲବ୍‌ଧିର ସେ ନିମ୍ନଲିଖିତ କାରଣ ଅଛି ବୋଲି କହିଛନ୍ତି—

**ଅତିଦୂରାତ୍ ସାମୀପ୍ୟାଦିନ୍ଦ୍ରିୟଘାତାନ୍‌ମନୋ-ଽନବସ୍ଥାନାତ୍ ।**
**ସୌକ୍ଷ୍ମ୍ୟାଦ୍ ବ୍ୟବଧାନାଦଭିଭବାତ୍ ସମାନାଭିହାରାଚ୍ଚ ॥** (ସାଂଖ୍ୟ. କା. ୭)

କୌଣସି ବସ୍ତୁ ୮ଟି କାରଣରୁ ଦେଖାଯାଇନଥାଏ—

୧. ଅତିଦୂରରେ ଥିଲେ; ୨. ଅତି ନିକଟରେ ଥିଲେ; ୩. ଇନ୍ଦ୍ରିୟଶକ୍ତିର ହାନି, ହ୍ରାସ, ଦୁର୍ବଳତା ହେଲେ; ୪. ମନ ଅନ୍ୟ କାର୍ଯ୍ୟରେ ସଂଲଗ୍ନ ଥିଲେ, ଅନ୍ୟମନସ୍କ ଥିଲେ; ୫. ବସ୍ତୁ ଅତିସୂକ୍ଷ୍ମ ହୋଇଥିଲେ; ୬. ଇନ୍ଦ୍ରିୟ ଓ ବସ୍ତୁ ମଧ୍ୟରେ କୌଣସି ବ୍ୟବଧାନ ଅର୍ଥାତ୍ ଅନ୍ୟ କୌଣସି ବସ୍ତୁ ରହିଗଲେ; ୭. ଅଭିଭବ ଅର୍ଥାତ୍ ଅନ୍ୟ ବସ୍ତୁ ଦ୍ୱାରା ଆକ୍ରାନ୍ତ, ପରାଭୂତ, ଦମିତ, ଘୋଡେଇ ହୋଇଯିବା ଦ୍ୱାରା; ୮. ସମାନ-ଅଭିହାର ଅର୍ଥାତ୍ ସଜାତୀୟ ପଦାର୍ଥ ସହ ସମ୍ମିଶ୍ରଣ ହେଲେ । ଏ ମଧ୍ୟରୁ ୧, ୨, ୩, ୫, ୬ କାରଣ ବିଷୟରେ ଆମେ ଆଲୋଚନା କରିସାରିଛେ । ଅବଶିଷ୍ଟ—

**୪. ମନ ଅନବସ୍ଥାନ —** ମନ ଅନ୍ୟ କାର୍ଯ୍ୟରେ ସଂଲଗ୍ନ ରହିବା, ଅନ୍ୟମନସ୍କ ଥିବା । ଯେମିତିକି ଅନେକ ସମୟରେ ଆମେ କୌଣସି ପଦାର୍ଥ ଖୋଜୁଥିଲା ବେଳେ ସେ ପଦାର୍ଥଟି ଆମ ଆଖି ଆଗରେ ଥିଲେ ବି ଆମକୁ ମିଳୁନଥାଏ । ଅନ୍ୟ କେହି ଯେତେବେଳେ କହେ କି 'ସେଇଟା ତୁମ ଆଖି ଆଗରେ ଅଛି ପରା କ'ଣ ଦେଖାଯାଉନି ?' ସେତେବେଳେ ଆମକୁ ଖରାପ ଲାଗେ । ଏମିତି କାହିଁକି ହୁଏ ? କାରଣ ଆମେ ସେତେବେଳେ ଅନ୍ୟମନସ୍କ ଥାଉ, ଆମ ମନ ଅନ୍ୟତ୍ର ଥାଏ । ଅନ୍ୟମନସ୍କ ଥିବା ବେଳେ କେହି ଆମ ପାଖରେ ଥାଇ ଆମକୁ ଅନେକ ଥର ଡାକୁଥିଲେ, କିଛି କହୁଥିଲେ କି କିଛି ପଚାରୁଥିଲେ ବି ଆମକୁ ଶୁଣାଯାଇନଥାଏ ।

**୭. ଅଭିଭବ —** ଅଭିଭବ ଅର୍ଥାତ୍ ଅନ୍ୟ ବସ୍ତୁ ଦ୍ୱାରା ଆକ୍ରାନ୍ତ, ପରାଭୂତ, ଦମିତ, ଘୋଡେଇ ହୋଇଯିବା । ଅନ୍ୟ

ପଦାର୍ଥର ତୀବ୍ର ଧ୍ୱନି, ପ୍ରକାଶ, ଗନ୍ଧ ଆଦି ଦ୍ୱାରା ଦବିଯିବା ଯୋଗୁଁ ଅନେକ ପରିସ୍ଥିତିରେ ସାମାନ୍ୟ ଧ୍ୱନି, ପ୍ରକାଶ, ଗନ୍ଧ ଆଦି ଜଣାଯାଇନଥାଏ। ଯଥା— ବଂଶୀର ମଧୁର ମୂର୍ଚ୍ଛନା ଢୋଲର ଉଚ୍ଚ ଦୁମ୍ ଦୁମ୍ ଶବ୍ଦ ଦ୍ୱାରା ଅଭିଭୂତ ହୋଇଯିବା କାରଣରୁ ଶୁଣାଯାଇ ନଥାଏ। ଘର ଆଗ ଦେଇ ବାହାରୋଷାଣି ଯାଉଥିବା ବେଳେ ସେ ବାଦ୍ୟର ତୀବ୍ର ଧ୍ୱନିରେ ଅଭିଭୂତ ହୋଇଯିବା ଯୋଗୁଁ ସେ ସମୟରେ ଘଡ଼ିର ଟିକ୍‌ଟିକ୍ ଶବ୍ଦ ଶୁଣାଯାଇ ନଥାଏ। ଆମେ ଜାଣିଛେ ଯେ ତାରାଗୁଡ଼ିକ ଆକାଶରେ ସବୁବେଳେ ଥାଆନ୍ତି। ରାତିରେ ତ ସେଗୁଡ଼ିକ ଆମକୁ ଦେଖାଯାନ୍ତି; କିନ୍ତୁ ଦିନବେଳେ ଆମକୁ ଦେଖାଯାଆନ୍ତି ନାହିଁ କାହିଁକି ? କାରଣ ସୂର୍ଯ୍ୟ ଆମର ନିକଟରେ ଥିବାରୁ ଓ ଅନ୍ୟ ତାରାଗୁଡ଼ିକ ସୂର୍ଯ୍ୟ ଅପେକ୍ଷା ବହୁ ଦୂରରେ ଥିବାରୁ ସୂର୍ଯ୍ୟର ପ୍ରଖର ପ୍ରକାଶରେ ଆମ ଆଖିରୁ ସେମାନଙ୍କ ପ୍ରକାଶ ଅଭିଭୂତ, ନିଷ୍ପ୍ରଭ ହୋଇଯାଇଥାଏ। ତେଣୁ ଦିନବେଳେ ଅନ୍ୟ ତାରାଗୁଡ଼ିକ ଦେଖାଯାନ୍ତି ନାହିଁ। ଦିନ ଦ୍ୱିପ୍ରହରରେ ପ୍ରଚଣ୍ଡ ଖରାରେ ଜଳନ୍ତା ଅଙ୍ଗାର କି ଜଳୁଥିବା ଦୀପ ରଖିଲେ ସୂର୍ଯ୍ୟାଲୋକରେ ନିଷ୍ପ୍ରଭ ହୋଇଯିବା ହେତୁ ଟିକିଏ ଦୂରରୁ ଦେଖିଲେ ଅଙ୍ଗାର କି ଦୀପରେ ନିଆଁ ଥିବା ଦେଖାଯାଏ ନାହିଁ।

**୮. ସମାନ-ଅଭିହାର —** ସମାନ-ଅଭିହାର ଅର୍ଥାତ୍ ସଜାତୀୟ ପଦାର୍ଥ ସହ ସମ୍ମିଶ୍ରିତ ହୋଇଯିବା, ନିଜର ସ୍ୱତନ୍ତ୍ର ପରିଚୟ ହଜାଇଦେବା। ଯଥା— ଗାଈ କ୍ଷୀରରେ ମଇଁଷି କ୍ଷୀର ମିଶାଇଦେଲେ ତା'ର ଆଉ ଅଲଗା ଅସ୍ତିତ୍ୱ ଦେଖାଯାଏ ନାହିଁ। ପାଲୁଅରେ ମଇଦା ମିଶାଇଦେଲେ ଜଣାଯାଏ ନାହିଁ। ମହୁରେ ଚିନିସିରା କି ଗୁଡ଼ସିରା ଲୋକେ ମିଶାଇଦିଅନ୍ତି ଜଣା ନ ପଡ଼ିବା ପାଇଁ।

ଏଣୁ ଏ କଥା କୁହାଯାଇପାରିବ ନାହିଁ କି ଯେଉଁ ପଦାର୍ଥ ଦେଖାଯାଉନାହିଁ, ଇନ୍ଦ୍ରିୟଗୋଚର ହେଉନାହିଁ ତାହାର ଅସ୍ତିତ୍ୱ ନାହିଁ। ଆମେ ସମସ୍ତେ ସୁଖ-ଦୁଃଖର ବିଦ୍ୟମାନତାକୁ ସ୍ୱୀକାର କରୁଛେ। କିନ୍ତୁ ସୁଖ-ଦୁଃଖ ଦେଖାଯାଉଛନ୍ତି କି ? ଦେଖାଯାଉନାହାନ୍ତି। ପବନ ବିଦ୍ୟମାନ ଅଛି ବୋଲି ଆମେ ମାନୁଛେ। କିନ୍ତୁ ପବନ ବି ତ ଆଖିରେ ଦେଖାଯାଉନାହିଁ। ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ (Electro-magnetic wave), ମାଧ୍ୟାକର୍ଷଣ ଶକ୍ତି, ମହାକର୍ଷଣ ଶକ୍ତି ଆଦି ଏମିତି ବହୁତ ଜିନିଷ ଅଛି ଯେଉଁଟା କି ଆଖିରେ ଦେଖାଯାଉନାହିଁ। ଇଲେକ୍‌ଟ୍ରନ୍, ପ୍ରୋଟୋନ୍, ନିଉଟ୍ରନକୁ ମଧ୍ୟ ଆଜି ସୁଦ୍ଧା ଦେଖାଯାଇପାରିନାହିଁ। କିନ୍ତୁ ଆମେ ସ୍ୱୀକାର କରୁଛେ ସେଗୁଡ଼ିକର ଅସ୍ତିତ୍ୱକୁ। ଏଣୁ ଯେହେତୁ ଦେଖାଯାଉନଥିବା ସତ୍ତ୍ୱେ ମଧ୍ୟ ଅନେକ ପଦାର୍ଥର ଅସ୍ତିତ୍ୱ ଅଛି ସେଥିପାଇଁ 'ଯେହେତୁ ଆତ୍ମା ଦେଖାଯାଉନାହିଁ, ତେଣୁ ଆତ୍ମା ନାହିଁ' ବୋଲି ଆପଣଙ୍କର ଏ କଥନ ଆତ୍ମାର ଅସ୍ତିତ୍ୱକୁ ଖଣ୍ଡନ କରିପାରୁନାହିଁ। ଯେହେତୁ ଆତ୍ମାର ଅସ୍ତିତ୍ୱ ଖଣ୍ଡିତ ହୋଇପାରୁନାହିଁ, ତେଣୁ ଆତ୍ମାର ଅସ୍ତିତ୍ୱ ସିଦ୍ଧ।

ଇନ୍ଦ୍ରିୟଗୋଚର ହେଉନଥିବା ପଦାର୍ଥର ଅସ୍ତିତ୍ୱକୁ ଆମେ କେମିତି ସ୍ୱୀକାର କରୁଛେ ? ସେଗୁଡ଼ିକର କାର୍ଯ୍ୟରୁ। ଆମକୁ ଚୁମ୍ବକଟି ତ ଦେଖାଯାଉଛି; କିନ୍ତୁ ସେଥିରେ ଥିବା ଚୁମ୍ବକୀୟ ଶକ୍ତି ତ ଦେଖାଯାଉନାହିଁ। ତଥାପି ଚୁମ୍ବକୀୟ ଶକ୍ତିକୁ ଆମେ କାହିଁକି ସ୍ୱୀକାର କରୁଛେ ? କାରଣ ଆମେ ଜାଣିଛେ ଯେ କୌଣସି ଆକର୍ଷଣ ଶକ୍ତି ଆକର୍ଷଣ ନ କଲେ କୌଣସି ପଦାର୍ଥ ଆପେ କୁଆଡ଼େ ଆକର୍ଷିତ ହୁଏ ନାହିଁ। ଚୁମ୍ବକ ଏଇଠି ଏବଂ ଲୁହା ତା'ଠୁ ଟିକିଏ ଦୂରରେ, ସେଇଠି ଅଛି। ଲୁହା ଚୁମ୍ବକ ଆଡ଼କୁ ଟାଣିହେଲା କେମିତି ? ତେଣୁ ଏହି ଚୁମ୍ବକ ଓ ସେହି ଲୁହା ଭିତରେ କିଛି ଗୋଟିଏ ଆକର୍ଷଣ ଶକ୍ତି ନିଶ୍ଚିତ କାର୍ଯ୍ୟ କରୁଛି। ଯେହେତୁ ଚୁମ୍ବକଟି ଲୁହାଠାରୁ କିଛି ଦୂରରେ ଥିଲେ ମଧ ସେଇଠୁ ଲୁହାଟିକୁ ଟାଣି ଦେଉଛି। ଏଣୁ ଚୁମ୍ବକୀୟ ଶକ୍ତି ଆଖିକୁ ଦେଖାଯାଉନଥିଲେ ବି ନିଶ୍ଚିତ ରୂପେ ଚୁମ୍ବକ ଓ ଲୁହା ଭିତରେ କାମ କରୁଛି। ତେଣୁ ସେ ଲୁହାକୁ ଟାଣୁଛି। ଏଥିପାଇଁ ଆମେ ଚୁମ୍ବକୀୟ ଶକ୍ତିକୁ ସ୍ୱୀକାର କରୁଛେ। ଅଥବା, ଯେତେବେଳେ ଆମେ ଗୋଟିଏ ହାତରେ ଲୁହା ଧରିଲେ, ଅନ୍ୟ ଗୋଟିଏ ହାତରେ ଚୁମ୍ବକ ଧରିଲେ ତା' ପାଖରେ। ହାତରେ ଆମେ ଆକର୍ଷଣ ଅନୁଭବ କରୁଛେ, ଯେ ତାକୁ ଟାଣୁଛି। ଆଖିକୁ ଦେଖା ନ ଗଲେ ବି ଅନୁଭବ କରୁଛେ। ଆଖିକୁ ଦେଖା ନ ଗଲେ ବି ଯେମିତି ଚୁମ୍ବକର କାର୍ଯ୍ୟରୁ ଚୁମ୍ବକର ଆକର୍ଷଣ ଶକ୍ତି ଅଛି ବୋଲି ସ୍ୱୀକାର କରୁଛେ, ସେମିତି ଆଖିକୁ ଦେଖା ନ ଗଲେ ବି ଆତ୍ମା ଶରୀରରେ ଥିଲା ବେଳେ ଶରୀରରେ ବିବିଧ କ୍ରିୟା

ହେଉଥିବା ଏବଂ ଆତ୍ମା ଶରୀରରୁ ପଳେଇଗଲା ପରେ ସେସବୁ କ୍ରିୟା  ହେଉନଥିବା କାରଣରୁ ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯିବା ଉଚିତ। ଏହି ତର୍କକୁ ଆତ୍ମାର ଅସ୍ତିତ୍ୱର ହେତୁ ରୂପେ ମହର୍ଷି କପିଳ ଉପସ୍ଥାପନ କରିଛନ୍ତି—

**ଦେହାଦିବ୍ୟତିରିକ୍ତୋଽସୌ  ବୈଚିତ୍ର୍ୟାତ୍।**

(ସାଂଖ୍ୟ. ୬:୨)

**(ଅସୌ)** ସେ ଆତ୍ମା **(ଦେହାଦିବ୍ୟତିରିକ୍ତଃ)** ଦେହ ଆଦି ଅର୍ଥାତ୍ ଦେହ, ଇନ୍ଦ୍ରିୟ, ଅନ୍ତଃକରଣ ଆଦି ଠାରୁ ଭିନ୍ନ। କାହିଁକି ? **(ବୈଚିତ୍ର୍ୟାତ୍)** ବିଲକ୍ଷଣ ହୋଇଥିବାରୁ ଅର୍ଥାତ୍ ଗୁଣ-ଧର୍ମ ଆଦିରେ ଭିନ୍ନ ହୋଇଥିବାରୁ।

ଆତ୍ମା ଦେହରେ ଥାଇ ସୁଦ୍ଧା ଦେହ, ଅନ୍ତଃକରଣ, ଇନ୍ଦ୍ରିୟ ଆଦି ଠାରୁ ସ୍ୱରୂପତଃ ଭିନ୍ନ। କିପରି ଭିନ୍ନ ? ଦେହ ତ ବାଲ୍ୟ, କୈଶୋର, ଯୌବନ, ବାର୍ଦ୍ଧକ୍ୟ ଆଦି ପରିଣାମ, ପରିବର୍ତ୍ତନକୁ ଗ୍ରହଣ କରିଥାଏ। ଶରୀରରେ ବାଲ୍ୟ ଆଦି ବିବିଧ ଅବସ୍ଥାର ପରିବର୍ତ୍ତନ ଘଟିଥାଏ। କିନ୍ତୁ ଆତ୍ମାର କୌଣସି ପରିବର୍ତ୍ତନ ହୋଇନଥାଏ, ଏ ସକଳ ପରିବର୍ତ୍ତନ ମଧ୍ୟରେ 'ମୁଁ ଅଛି', 'ମୁଁ ସେମିତି ଅଛି' ଏ ପ୍ରତୀତି ଏକା ଭଳି ରହିଥାଏ। ପିଲାବେଳର ଶରୀର ବାର୍ଦ୍ଧକ୍ୟରେ ପୂରା ବଦଳି ଯାଇଥାଏ। ସେଥିପାଇଁ ଆମକୁ ପିଲାବେଳେ ୫-୬ ବର୍ଷ ବୟସରେ ଦେଖିଥିବା ଲୋକ ୫୦-୬୦ ବର୍ଷ ପରେ ବାର୍ଦ୍ଧକ୍ୟରେ ଦେଖିଲେ ଆଦୌ ଚିହ୍ନିପାରି ନଥାଏ। କିନ୍ତୁ ଆମକୁ ତ କେବେ ଅନୁଭବ ହୁଏନାହିଁ ଯେ ପିଲାବେଳେ ମୁଁ ଆଉ ଜଣେ ଥିଲି ଏବଂ ବୁଢ଼ା ବେଳେ ମୁଁ ଆଉ ଜଣେ ବୋଲି। ଆମର ହାତ-ଗୋଡ଼ କଟିଗଲେ 'ମୁଁ କଟିଗଲି', 'ମୁଁ ଖଣ୍ଡିତ ହୋଇଗଲି' ଏପରି ଅନୁଭବ ଆମର ହୁଏ ନାହିଁ। ଆମେ ଘଷା-ଘଷି ହୋଇ ଗାଧୋଉଛେ। ମଇଳା ସହ ଆମ ଦେହରୁ ବହୁ ଜୀବକୋଷ(ସେଲ୍) ମଧ୍ୟ ପ୍ରତିଦିନ ଯାଉଛି। କିନ୍ତୁ ଆମକୁ କ'ଣ କେବେ ଅନୁଭବ ହେଉଛି କି ଯେ ମୁଁ ସରି-ସରି ଯାଉଛି ବୋଲି ? ସେହିପରି ଆମ ଆଖି ଫୁଟିଗଲେ କି ଶ୍ରବଣ-ଶକ୍ତି ନଷ୍ଟ ହୋଇଗଲେ ମୋର ସତ୍ତାରୁ କିଛି କମିଗଲା ଏଭଳି ଅନୁଭୂତି ଆମର ହୁଏ ନାହିଁ। ଦେହ, ଇନ୍ଦ୍ରିୟ ଆଦି ସମସ୍ତ ପଦାର୍ଥ ଜଡ଼, ପରିଣାମୀ ଓ ନଶ୍ୱର; କିନ୍ତୁ ଆତ୍ମା ଚେତନ, ଅପରିଣାମୀ ଓ ନିତ୍ୟ। ଦେହାଦି ପଦାର୍ଥ ଭୋଗ୍ୟ ଅଥବା ଭୋଗର ସାଧନ; କିନ୍ତୁ ଆତ୍ମା ଭୋକ୍ତା। ମୃତ ଶରୀରରେ ରୂପ, ସ୍ପର୍ଶ ଆଦି ଦେହ-ଧର୍ମ ତ ଥାଏ। କିନ୍ତୁ ସେଥିରେ ବିଲକ୍ଷଣ ଅର୍ଥାତ୍ ତା'ଠୁ ଅଲଗା ସ୍ଫୂର୍ତ୍ତି, କହିବା, ବିଚାର କରିବା, ଜାଣିବା ଆଦି ଆତ୍ମ-ଧର୍ମ ନ ଥାଏ। ଏସବୁ ଜୀବିତ ଶରୀରରେ ହିଁ ରହିଥାଏ। ମୃତ ଦେହ ଓ ଜୀବିତ ଦେହ ମଧ୍ୟରେ ବାହ୍ୟ ଧର୍ମ ସମାନ ହେଲେ ମଧ୍ୟ ଜୀବିତ ଦେହରେ ଥିବା ସ୍ଫୂର୍ତ୍ତି, କହିବା, ଶୁଣିବା, ଦେଖିବା, ବିଚାର କରିବା, ଜାଣିବା ଆଦି ବିଲକ୍ଷଣ ଧର୍ମ ଆତ୍ମାର ଅସ୍ତିତ୍ୱକୁ ସିଦ୍ଧ କରେ।

ସାଂଖ୍ୟଦର୍ଶନରେ ପରବର୍ତ୍ତୀ ସୂତ୍ରରେ ସେ ଆତ୍ମାର ଅସ୍ତିତ୍ୱର ଦ୍ୱିତୀୟ ହେତୁ ବି ଦେଉଛନ୍ତି—

**ଷଷ୍ଠୀବ୍ୟପଦେଶାଦପି।** (ସାଂଖ୍ୟ. ୬:୩)

**(ଷଷ୍ଠୀବ୍ୟପଦେଶାତ୍)** ଷଷ୍ଠୀ ବିଭକ୍ତିର ବ୍ୟବହାର ଯୋଗୁଁ **(ଅପି)** ମଧ ଅର୍ଥାତ୍ ଷଷ୍ଠୀ ବିଭକ୍ତିର ବ୍ୟବହାର ହେଉଥିବା ଯୋଗୁଁ ମଧ ଦେହ ଆଦି ଠାରୁ ଏକ ଅଲଗା ସତ୍ତା ଚେତନ ଆତ୍ମା ଥିବା ପ୍ରମାଣିତ ହୁଏ।

ଷଷ୍ଠୀ ବିଭକ୍ତିର ବ୍ୟବହାର କ'ଣ ଏବଂ ଏହାଦ୍ୱାରା କିପରି ଆତ୍ମାର ଅସ୍ତିତ୍ୱ ପ୍ରମାଣିତ ହେଉଛି ? ଷଷ୍ଠୀ ବିଭକ୍ତିର ବ୍ୟବହାର ହୁଏ ସମ୍ବନ୍ଧ ପଦ ପାଇଁ। ସମ୍ବନ୍ଧ ଦୁଇଟି ଭିନ୍ନ-ଭିନ୍ନ ପଦାର୍ଥ ମଧ୍ୟରେ ହୋଇଥାଏ। ସମ୍ବନ୍ଧ ପାଇଁ ଅନ୍ୟୂନ ପକ୍ଷେ ୨ଟି ପଦାର୍ଥ ଆବଶ୍ୟକ। କେବଳ ଗୋଟିଏ ପଦାର୍ଥ ଥିଲେ ସମ୍ବନ୍ଧ ହୁଏ ନାହିଁ। ମୋର, ତୁମର, ଆମର, ତାହାର, ସେମାନଙ୍କର ଆଦି ଷଷ୍ଠୀ ବିଭକ୍ତିର ପଦ। ଷଷ୍ଠୀ ବିଭକ୍ତିର ଏସବୁ ଶବ୍ଦର ପ୍ରୟୋଗ ହେଉଥିବାରୁ ଜଣାପଡୁଛି କି ଦୁଇଟି ସତ୍ତା ବିଦ୍ୟମାନ ଅଛି। 'ମୋର' ଶବ୍ଦ ପ୍ରୟୋଗ କଲାବେଳେ ଆମେ ଜାଣୁ ଯେ ଯାହାକୁ ମୋର କୁହାଯାଉଛି ତାହା ଅଲଗା ପଦାର୍ଥ ଏବଂ ଯିଏ କହୁଛି ସିଏ ଅଲଗା ସତ୍ତା। ଆମେ କହୁଛେ କି 'ମୋର ଘଡ଼ି ସୁନ୍ଦର'। ସେଥିରୁ ଜଣାଯାଉଛି ଯେ ମୁଁ ଅଲଗା ସତ୍ତା ଓ ଘଡ଼ି ମୋଠାରୁ ଅଲଗା ପଦାର୍ଥ । 'ମୋ କଲମ ଭଲ ଲେଖୁନି' ବୋଲି କହିଲେ ମଧ୍ୟ ସ୍ପଷ୍ଟ ଜଣାଯାଉଛି କି ମୁଁ ଅଲଗା ସତ୍ତା ଓ କଲମ ମୋଠାରୁ ଏକ

ଭିନ୍ନ ପଦାର୍ଥ। ସେହିପରି 'ମୋ ଚପଲ', 'ମୋ ଛତା', 'ମୋ ବସ୍ତ୍ର', 'ମୋ ଗାଡ଼ି' କହିଲେ ଚପଲ, ଛତା, ବସ୍ତ୍ର, ଗାଡ଼ି ଠାରୁ ମୁଁ ଅଲଗା ସତ୍ତା। ଏହିଭଳି 'ମୋର ହାତ', 'ମୋ ଆଖି', 'ମୋ ନାକ', 'ମୋ କାନ' ଆଦି କହିଲେ ହାତ, ଆଖି, ନାକ, କାନ ଆଦି ଅଲଗା ଓ ମୁଁ ଅଲଗା ତତ୍ତ୍ୱ। ସେମିତି 'ମୋର ମନ ଠିକ୍ ନାହିଁ', 'ମୋ ଦେହ ଭଲ ନାହିଁ' ବୋଲି କହିଲେ ମୁଁ ଅଲଗା ସତ୍ତା ଏବଂ ମନ, ଦେହ ମୋଠାରୁ ଅଲଗା ପଦାର୍ଥ। ଯଦି ମୁଁ ହିଁ ମନ କି ଦେହ, ତେବେ 'ମୋର ମନ', 'ମୋ ଦେହ' ବୋଲି ମୁଁ କେମିତି କହୁଛି ? ମୁଁ ଯଦି ମନ କି ଦେହ ହୋଇଥାନ୍ତି ତେବେ ମୁଁ କ'ଣ କହିଥାଆନ୍ତି କି 'ମୋ ମନ ଭଲ ନାହିଁ', 'ମୋ ଦେହ ଭଲ ନାହିଁ' ବୋଲି ? ସେତେବେଳେ 'ମୁଁ ମନ ଭଲ ନାହିଁ', 'ମୁଁ ଦେହ ଭଲ ନାହିଁ' ବୋଲି କହିଥାନ୍ତି। ତେଣୁ 'ମୋ ମନ ଭଲ ନାହିଁ', 'ମୋର ଦେହ ଭଲ ନାହିଁ' କହୁଥିବାରୁ ନିଷ୍କର୍ଷ ବାହାରୁଛି କି ମୁଁ ମନ ନୁହେଁ କି ମୁଁ ଦେହ ନୁହେଁ। ତେଣୁ ମନଠୁ ବି ଅଲଗା ସତ୍ତା ମୋର ଅଛି। 'ତା'ର ବୁଦ୍ଧି ଠିକ୍ ନାହିଁ' ଅର୍ଥାତ୍ ସିଏ ଆଉ ଜଣେ ଏବଂ ବୁଦ୍ଧି ଆଉ ଏକ ପଦାର୍ଥ। ଏହିଭଳି ଷଷ୍ଠୀ ବିଭକ୍ତିର ବ୍ୟବହାରରୁ ବି ଜଣାଯାଉଛି ଯେ ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର ଆଦିଠାରୁ ଭିନ୍ନ ଆଉ ଗୋଟିଏ ସତ୍ତା ଅଛି ଶରୀରରେ। ସେ ହେଉଛି ଆତ୍ମା। ଅତଏବ ଆତ୍ମାର ଅସ୍ତିତ୍ୱ ଅଛି।

ଆତ୍ମାର ଅସ୍ତିତ୍ୱ ସପକ୍ଷରେ ମହର୍ଷି କପିଳ ଆଉ ଏକ ହେତୁ ଦେଉଛନ୍ତି—

**ସଂହତପରାର୍ଥତ୍ୱାତ୍।** (ସାଂଖ୍ୟ. ୧:୧୪୦)

ସଂହତ ଅର୍ଥାତ୍ ସଂଘାତ, ସମୁଦାୟ, ସମୂହ ପରାର୍ଥ ଅର୍ଥାତ୍ ଅନ୍ୟ ପାଇଁ ହୋଇଥିବା କାରଣରୁ ଶରୀର ଆଦି ଠାରୁ ଭିନ୍ନ ଏକ ସତ୍ତା ଆତ୍ମା ଅଛି।

ପ୍ରକୃତି ସତ୍ତ୍ୱ, ରଜ, ତମ - ଏ ତିନୋଟିର ସଂଘାତ ଅର୍ଥାତ୍ ସମାହାର, ସମୁଦାୟ ଅଟେ। ଏଣୁ ପ୍ରକୃତିରୁ ନିର୍ମିତ ସକଳ ସଂସାର ସଂଘାତ ଅଟେ। ଶରୀର, ଇନ୍ଦ୍ରିୟ, ଅନ୍ତଃକରଣ ଆଦି ପ୍ରକୃତିରୁ ତିଆରି ହୋଇଥିବାରୁ ଏସବୁ ମଧ୍ୟ ସଂଘାତରୂପ ଅଟେ। ସଂସାରରେ ଯାହା କିଛି ସଂଘାତ-ସମୁଦାୟ ଦେଖାଯାଏ, ସେସବୁ ସ୍ୱାର୍ଥ(ସ୍ୱ+ଅର୍ଥ) ଅର୍ଥାତ୍ ନିଜ ପାଇଁ ହୋଇନଥାଏ। ଯଥା— ଖଟ-ଶେଯ, ଲୁଗା-ପଟା, ଜୋତା-ଛତା, ଖାଦ୍ୟ-ପାନୀୟ, ଘର-ଦ୍ୱାର, ପାଣି-ପବନ ଇତ୍ୟାଦି। କାରଣ ଏସବୁ ଅଚେତନ, ଜଡ଼। ଏସବୁ ଭୋଗ୍ୟ ପଦାର୍ଥ ଅଟନ୍ତି, ଭୋକ୍ତା ନୁହନ୍ତି। ପାଣି ପାଇଁ ପାଣିର କୌଣସି ଆବଶ୍ୟକତା ନାହିଁ କି ପବନ ପାଇଁ ପବନର ଆବଶ୍ୟକତା ନାହିଁ। ଏସବୁ ପଦାର୍ଥ ପରାର୍ଥ ଅର୍ଥାତ୍ ଅନ୍ୟର ପ୍ରୟୋଜନ ସିଦ୍ଧ କରିବା ନିମନ୍ତେ ଉଦ୍ଦିଷ୍ଟ। ଅତଃ ସ୍ୱୀକାର କରିବାକୁ ହେବ ଯେ ଯାହା ପାଇଁ ଏ ଶରୀର ଆଦି ସଂହତ ପଦାର୍ଥ ଉଦ୍ଦିଷ୍ଟ ନିଶ୍ଚିତ ରୂପେ ସେହି 'ପର' ଏସବୁରୁ ବିଲକ୍ଷଣ ଅସଂହତ, ଅବିକାରୀ, ଚେତନ ତତ୍ତ୍ୱ ଆତ୍ମା ବିଦ୍ୟମାନ ଅଛି। ପ୍ରକୃତିର ଏ ଅନନ୍ତ ନିର୍ମିତ ପଦାର୍ଥର ସାର୍ଥକତା ସେତେବେଳେ ଅଛି, ଯଦି ଏସବୁର ଉପଯୋଗ କରୁଥିବା ଚେତନ ତତ୍ତ୍ୱ ଆତ୍ମାର ଅସ୍ତିତ୍ୱ ଅଛି। ଏହିପରି ଭାବେ ଭୋଗ୍ୟ ଅଚେତନ ସଂଘାତରୂପ ପ୍ରକୃତି ଠାରୁ ବିଲକ୍ଷଣ ଭୋକ୍ତା ଚେତନ ଆତ୍ମାର ଅସ୍ତିତ୍ୱ ପ୍ରମାଣିତ ହୁଏ।

ଆତ୍ମାର ଅସ୍ତିତ୍ୱର ପ୍ରମାଣ ସ୍ୱରୂପ ମହର୍ଷି କପିଳ ଅନ୍ୟ ଏକ ହେତୁ ଦେଇଛନ୍ତି—

**ଅଧିଷ୍ଠାନାଚ୍ଚେତି।** (ସାଂଖ୍ୟ. ୧:୧୪୨)

**(ଚ)** ଏବଂ **(ଅଧିଷ୍ଠାନାତ୍)** ଶରୀରାଦିର ଅଧିଷ୍ଠାନ (ଅଧିଷ୍ଠାତା) ହୋଇଥିବାରୁ **(ଇତି)** ଏହିପରି ଅର୍ଥାତ୍ ଶରୀରାଦିର ଅଧିଷ୍ଠାତା ହୋଇଥିବାରୁ ଶରୀରାଦି ଠାରୁ ପୃଥକ୍ ଚେତନ ତତ୍ତ୍ୱ ଆତ୍ମା ଅଛି।

ଏ ସକଳ ତ୍ରିଗୁଣାତ୍ମକ ଜଗତ ଅଚେତନ, ଜଡ଼। ପ୍ରତ୍ୟେକ ଜଡ଼ ପଦାର୍ଥର ଅନ୍ୟ କେହି ଜଣେ ଚେତନ ଅଧିଷ୍ଠାତା(ସଞ୍ଚାଳକ, ନିୟନ୍ତ୍ରକ) ଥାଆନ୍ତି ଯିଏ କି ସେଥିରେ ଗତି ଆଦି ଦେଇଥାନ୍ତି, ଗତିରେ ପରିବର୍ତ୍ତନ ଆଦି କରିଥାନ୍ତି। ଯେମିତିକି ଗାଡ଼ି, ମୋଟର, ରେଳ, ଜାହାଜ ଆଦିର

ଅଧିଷ୍ଠାତା (ନିୟନ୍ତ୍ରକ, ଚାଳକ) ଥାଆନ୍ତି । ବିନା ଚାଳକରେ ଯାନ-ବାହନ ଆଦିର ଗତି ଆରମ୍ଭ, ଗତିରେ ପରିବର୍ତ୍ତନ, ଦିଗ ପରିବର୍ତ୍ତନ, ଆବଶ୍ୟକତା ଅନୁସାରେ ଗତି ବନ୍ଦ ଆଦି ହୋଇପାରିନଥାଏ । ଗାଡ଼ି-ମୋଟର ଆଦି ତ ଜଡ଼ ପଦାର୍ଥ; କିନ୍ତୁ ସେ ଅଧିଷ୍ଠାତା ଯାନ ଠାରୁ ଭିନ୍ନ ଚେତନ ସତ୍ତା ହୋଇଥାନ୍ତି । ସେହିପରି ବୁଦ୍ଧି(ମହତ୍ତତ୍ତ୍ୱ) ଠାରୁ ଆରମ୍ଭ କରି ସ୍ଥୁଳଭୂତନିର୍ମିତ ଶରୀର ପର୍ଯ୍ୟନ୍ତ ଯେତେସବୁ ସଂଘାତ ଅଛି ସେସବୁ ଜଡ଼ ହୋଇଥିବାରୁ ସେଥିରେ ଚେଷ୍ଟା(ପ୍ରଯତ୍ନ) ନିମିତ୍ତ ସକଳ ଚେଷ୍ଟା(କର୍ମ)ର ସଞ୍ଚାଳକ ରୂପେ କୌଣସି ଚେତନ ଅଧିଷ୍ଠାନ(ଅଧିଷ୍ଠାତା) ରହିବା ଆବଶ୍ୟକ । ତାକୁ ଜୀବାତ୍ମା କୁହାଯାଏ । ଅତଃ ଶରୀରରେ ଅଧିଷ୍ଠାତା ରୂପେ ଆତ୍ମାର ଅସ୍ତିତ୍ୱ ସିଦ୍ଧ ।

ଆତ୍ମାର ଅସ୍ତିତ୍ୱ ସପକ୍ଷରେ ସେ ପରବର୍ତ୍ତୀ ହେତୁ ଦେଇଛନ୍ତି—

**ଭୋକ୍ତୃଭାବାତ୍ ।** (ସାଂଖ୍ୟ. ୧:୧୪୩)

ଭୋକ୍ତା ଭାବ ଯୋଗୁଁ ଅର୍ଥାତ୍ ଭୋକ୍ତା ହୋଇଥିବାରୁ । ଭୋକ୍ତା ହୋଇଥିବା ହେତୁ ଶରୀରାଦି ଠାରୁ ଭିନ୍ନ ଚେତନ ତତ୍ତ୍ୱ ଆତ୍ମା ଅଛି ।

ସମସ୍ତ ତ୍ରିଗୁଣାତ୍ମକ ସଂସାର ଭୋଗ୍ୟ ଅଟେ — **'ପ୍ରକାଶକ୍ରିୟାସ୍ଥିତିଶୀଲଂ ଭୂତେନ୍ଦ୍ରିୟାତ୍ମକଂ ଭୋଗାପବର୍ଗାର୍ଥଂ ଦୃଶ୍ୟମ୍'** (ଯୋଗ. ୨:୧୮) । କୌଣସି ଭୋଗ୍ୟ ପଦାର୍ଥ ସେତେବେଳେ ସଫଳ ହୋଇଥାଏ ଯଦି ତା'ର କେହି ଭୋକ୍ତା ଥାଏ । ଭୋଗ୍ୟ ସ୍ୱୟଂ ଭୋକ୍ତା ହୋଇପାରିନଥାଏ । ଯଥା— ଭାତ-ଡାଲି, ଫଳ-ମୂଳ ଆଦି ଖାଦ୍ୟ ପଦାର୍ଥ ନିଜକୁ ଖାଇପାରନ୍ତି ନାହିଁ, ପାଣି ନିଜକୁ ପିଇପାରେ ନାହିଁ । ଏଣୁ ଏ ଭୋଗ୍ୟ ସଂସାରକୁ ଭୋଗ କରୁଥିବା ଭୋକ୍ତା ରୂପେ ପ୍ରକୃତିଠୁ ଭିନ୍ନ ଚେତନ ତତ୍ତ୍ୱକୁ ସ୍ୱୀକାର କରିବାକୁ ହେବ । ଚେତନ ତତ୍ତ୍ୱ ଈଶ୍ୱର ବି ବିଦ୍ୟମାନ ଅଛନ୍ତି; କିନ୍ତୁ ଈଶ୍ୱରଙ୍କର କୌଣସି ଭୋଗ ଆବଶ୍ୟକ ନ ଥିବାରୁ ସିଏ ଏ ସଂସାରର ଭୋକ୍ତା ନୁହନ୍ତି । ଅତଃ ପରିଶେଷ ନ୍ୟାୟ ଅନୁସାରେ ଚେତନ ଜୀବାତ୍ମା ହିଁ ଭୋକ୍ତା ହୋଇଥାଏ । ପୂର୍ବ ସୂତ୍ରରେ ମଧ୍ୟ କୁହାଯାଇଛି — **'ଚିଦବସାନୋ ଭୋଗଃ'** (ସାଂଖ୍ୟ. ୧:୧୦୪) — ସୁଖ-ଦୁଃଖ ଆଦିର ଅନୁଭୂତି ହେଲା ଭୋଗ ଏବଂ ଏ ଭୋଗ ବା ଅନୁଭୂତିର ଅବସାନ ଅର୍ଥାତ୍ ସମାପ୍ତି ଚେତନ ଜୀବାତ୍ମାଠାରେ, ଜୀବାତ୍ମା ପର୍ଯ୍ୟନ୍ତ ପହଞ୍ଚି ହୋଇଥାଏ ।

ମହର୍ଷି କପିଳ ଅନ୍ୟ ଏକ ପ୍ରକାରେ ମଧ୍ୟ ଏ କଥାକୁ ବୁଝାଇଛନ୍ତି—

**ପ୍ରଧାନସୃଷ୍ଟିଃ ପରାର୍ଥଂ ସ୍ୱତୋଽପ୍ୟଭୋକ୍ତୃତ୍ୱାଦୁଷ୍ଟ୍ରକୁଙ୍କୁମବହନବତ୍ ।** (ସାଂଖ୍ୟ. ୩:୫୮)

**(ପ୍ରଧାନସୃଷ୍ଟିଃ)** ପ୍ରକୃତିରୁ ପରିଣତ(ରୂପାନ୍ତରିତ) ଜଗତ **(ପରାର୍ଥମ୍)** ଅନ୍ୟ(ଆତ୍ମା) ପାଇଁ **(ଅପି)** ହିଁ ଅଟେ, **(ସ୍ୱତଃ)** (ପ୍ରକୃତି) ସ୍ୱୟଂ(ନିଜେ ନିଜର) **(ଅଭୋକ୍ତୃତ୍ୱାତ୍)** ଭୋକ୍ତା ହୋଇନଥିବାରୁ, **(ଉଷ୍ଟ୍ରକୁଙ୍କୁମବହନବତ୍)** ଓଟ କେଶର ବୋହିବା ଭଳି ।

ଚେତନ ହିଁ ଭୋକ୍ତା ହୋଇପାରିଥାଏ । ଅଚେତନ କଦାପି ଭୋକ୍ତା ହୋଇପାରେ ନାହିଁ । ପ୍ରକୃତି ଜଡ଼ । ତେଣୁ ପ୍ରକୃତି ଭୋକ୍ତା ହେବା ସମ୍ଭବ ନୁହେଁ । ପ୍ରକୃତି ଅଭୋକ୍ତା । ଏଣୁ ପ୍ରକୃତିରୁ ଜଗତର ରଚନା ନିଜ ପାଇଁ ନ ହୋଇ ପରାର୍ଥ ଅର୍ଥାତ୍ ଚେତନ ଆତ୍ମା ପାଇଁ ହିଁ ହୋଇଥାଏ । ଯେମିତିକି ଓଟ କେଶର ବୋହିଥାଏ, ବୋଝ ବୋହି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଏ । କିନ୍ତୁ ତା'ର ଏ କାର୍ଯ୍ୟ ନିଜ ପାଇଁ ହୋଇନଥାଏ । ଏହା ତା'ର ମାଲିକ କିମ୍ବା ଅନ୍ୟ ବ୍ୟକ୍ତି ପାଇଁ ହୋଇଥାଏ, ଯିଏ କି କେଶରର ଉପଯୋଗ କରେ । ଓଟର କାମ କେବଳ ବୋଝ ବୋହିବା ପର୍ଯ୍ୟନ୍ତ ସୀମିତ । ଓଟର ମାଲିକ କେବଳ ପ୍ରେରକ ମାତ୍ର । କେଶରର ଉପଭୋକ୍ତା ଅନ୍ୟ ବ୍ୟକ୍ତି । ଏଠାରେ ଓଟର ଉଦାହରଣ କେବଳ ତା'ର ପରାର୍ଥ ପ୍ରବୃତ୍ତି(କାର୍ଯ୍ୟ)ର ସମତା ଆଧାରରେ ଦିଆଯାଇଛି କି ଓଟ ଯେପରି ଅନ୍ୟର ପ୍ରେରଣାରେ ଅନ୍ୟ ପାଇଁ କେଶରର ବୋଝ ବୋହିଥାଏ, ସେହିପରି ପ୍ରକୃତି ମଧ୍ୟ ଈଶ୍ୱରଙ୍କ ପ୍ରେରଣାରେ ଜୀବମାନଙ୍କ ଭୋଗ-ଅପବର୍ଗ ନିମନ୍ତେ ସୃଷ୍ଟି ରୂପରେ ପରିଣତ ହୋଇଥାଏ ।

ଆତ୍ମାର ଅସ୍ତିତ୍ୱ ସପକ୍ଷରେ ତାଙ୍କର ପରବର୍ତ୍ତୀ ହେତୁ ହେଲା—

**କୈବଲ୍ୟାର୍ଥଂ ପ୍ରବୃତ୍ତେଶ୍ଚ ।** (ସାଂଖ୍ୟ. ୧:୧୪୪)

**(ଚ)** ଏବଂ **(କୈବଲ୍ୟାର୍ଥମ୍)** କୈବଲ୍ୟ ନିମିତ୍ତ**(ପ୍ରବୃତ୍ତେଃ)** ପ୍ରବୃତ୍ତି କାରଣରୁ । ଅର୍ଥାତ୍ କୈବଲ୍ୟ ବା ମୋକ୍ଷ ନିମନ୍ତେ ପ୍ରବୃତ୍ତିଦେଖାଯାଉଥିବା କାରଣରୁ ଶରୀରାଦି ଠାରୁ ଭିନ୍ନ ଆତ୍ମାର ଅସ୍ତିତ୍ୱ ଅଛି ।

କୈବଲ୍ୟର ଅର୍ଥ ମୋକ୍ଷ, ସତ୍ତ୍ୱାଦି ଗୁଣ ସହ ଅସମ୍ବନ୍ଧ ରୂପେ କେବଳ ଚେତନ ତତ୍ତ୍ୱ ଏକାକୀ ରହିବା ଏବଂ ସ୍ୱ ସ୍ୱରୂପରେ ସ୍ଥିତ ରହିବା — **'ପୁରୁଷାର୍ଥଶୂନ୍ୟାନାଂ ଗୁଣାନାଂ ପ୍ରତିପ୍ରସବଃ କୈବଲ୍ୟଂ ସ୍ୱରୂପପ୍ରତିଷ୍ଠା ବା ଚିତିଶକ୍ତିରିତି'** (ଯୋଗ. ୪:୩୪) । ଏହାକୁ ସାଂଖ୍ୟଦର୍ଶନରେ 'ଅତ୍ୟନ୍ତପୁରୁଷାର୍ଥ' ବୋଲି କୁହାଯାଇଛି — **'ଅଥ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତିରତ୍ୟନ୍ତପୁରୁଷାର୍ଥଃ'** (ସାଂଖ୍ୟ. ୧:୧) । ପ୍ରତ୍ୟେକ ଆତ୍ମା ଦୁଃଖରୁ ଉଦ୍ଧାର ପାଇବାକୁ ଚାହେଁ । ଅତଃ ମୋକ୍ଷ(ଦୁଃଖରୁ ଉଦ୍ଧାର ସ୍ଥିତି) ନିମନ୍ତେ ଯିଏ ପ୍ରବୃତ୍ତ ହୁଏ, ସିଏ ନିଶ୍ଚିତ ରୂପେ ଦୁଃଖାଦ୍ୟାତ୍ମକ ପ୍ରକୃତି ଠାରୁ ଅଲଗା ତତ୍ତ୍ୱ ହୋଇଥିବ । କାରଣ ଦୁଃଖାଦିସ୍ୱରୂପ ବିଶିଷ୍ଟ ପ୍ରକୃତି ନିଜ ସ୍ୱରୂପରୁ ଅଲଗା ହେବା ଅସମ୍ଭବ । ଅତଃ ସେହି ତତ୍ତ୍ୱ ତ୍ରିଗୁଣାତୀତ ଚେତନ ଜୀବାତ୍ମା ହିଁ ଅଟେ ।

ଏହିଭଳି ଭାବେ ଉପରୋକ୍ତ ସୂତ୍ର ଆଧାରରେ ତ୍ରିଗୁଣାତ୍ମକ ଅଚେତନ ପ୍ରକୃତି ଠାରୁ ଭିନ୍ନ ଚେତନ ଆତ୍ମାର ଅସ୍ତିତ୍ୱ ପ୍ରମାଣିତ ହେଉଛି ।

କ୍ରମଶଃ.....

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

ବେଦସୁଧା :

# ଆମେ କଲ୍ୟାଣ ମାର୍ଗର ପଥିକ ହେଉ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ସ୍ୱସ୍ତି ପନ୍ଥାମନୁ ଚରେମ ସୂର୍ଯ୍ୟାଚନ୍ଦ୍ରମସାବିବ ।**
**ପୁନର୍ଦଦତାଘ୍ନତା ଜାନତା ସଂ ଗମେମହି ॥**

(ଋକ୍. ୫:୫୧:୧୫)

**ଅନ୍ୱୟ —** (ବୟମ୍) ସ୍ୱସ୍ତି ପନ୍ଥାମ୍(ପନ୍ଥାନମ୍) ଅନୁ ଚରେମ ସୂର୍ଯ୍ୟାଚନ୍ଦ୍ରମସୌ ଇବ । ପୁନଃ ଦଦତା, ଅଘ୍ନତା, ଜାନତା (ସହ) ସଂ ଗମେମହି ।

**ଅର୍ଥ —** ଆମେ **(ସ୍ୱସ୍ତି)** କଲ୍ୟାଣକାରୀ **(ପନ୍ଥାମ୍)** ମାର୍ଗକୁ **(ଅନୁ ଚରେମ)** ଅନୁସରଣ କରୁଁ **(ସୂର୍ଯ୍ୟାଚନ୍ଦ୍ରମସୌ)** ସୂର୍ଯ୍ୟ ଓ ଚନ୍ଦ୍ର **(ଇବ)** ସଦୃଶ । **(ପୁନଃ)** ପୁନଶ୍ଚ **(ଦଦତା)** ଦାନଶୀଳ, **(ଅଘ୍ନତା)** ଅହିଂସକ ତଥା **(ଜାନତା)** ଜ୍ଞାନୀ ବ୍ୟକ୍ତିଙ୍କ ସହ **(ସଂ ଗମେମହି)** ସଙ୍ଗତି କରୁଁ ।

**ବ୍ୟାଖ୍ୟା —** ଆମେ ସମସ୍ତେ ଏକ-ଏକ ଜୀବାତ୍ମା । ଆମେ ଅନନ୍ତ ପଥର ପଥିକ । ଶାସ୍ତ୍ରକାରମାନେ କହନ୍ତି କି ଜୀବାତ୍ମାର ଏ ଯାତ୍ରା ଅନାଦି ଓ ଅନନ୍ତ; ଏ ଯାତ୍ରାର ଆଦି ନାହିଁ କି ଅନ୍ତ ନାହିଁ । ଏହା ତ ଏକ ବୃତ୍ତ ଭଳି । ଜୀବାତ୍ମା ଅବିନଶ୍ୱର । କିନ୍ତୁ ଆମର ଏ ମଣିଷ ଶରୀର ନଶ୍ୱର । ମଣିଷ ଜନ୍ମ ହୁଏ ଏକ ଶିଶୁ ରୂପେ । ତା' ପରେ ସେ କିଶୋର, ଯୁବକ, ପ୍ରୌଢ଼, ବୃଦ୍ଧ ହୁଏ ଓ ଅନ୍ତରେ ମୃତ୍ୟୁବରଣ କରେ । ସେମେଟିକ ମତ ଅର୍ଥାତ୍ ଇହୁଦୀ, ଖ୍ରୀଷ୍ଟ ଓ ଇସଲାମ ମତ ଅନୁସାରେ ଜୀବନ ଏକ ସରଳ ରେଖା ଭଳି ଏକ ବିନ୍ଦୁରୁ ଆରମ୍ଭ ହୁଏ ଏବଂ ଅନ୍ୟ ଏକ ବିନ୍ଦୁରେ ଯାଇ ସମାପ୍ତ ହୋଇଯାଏ । ଏସବୁ ମତର ମାନ୍ୟତା ଯେ ଜୀବାତ୍ମାର ପୁନର୍ଜନ୍ମ ନାହିଁ । ଭାରତୀୟ ଦର୍ଶନରେ ପୁନର୍ଜନ୍ମର ସିଦ୍ଧାନ୍ତକୁ ସ୍ୱୀକାର କରାଯାଇଛି । ଭାରତୀୟ ସଂସ୍କୃତିର ଶାଶ୍ୱତ ସନ୍ଦେଶ ହେଲା କି ମୃତ୍ୟୁରେ ଜୀବାତ୍ମାର ଯାତ୍ରାର ପରିସମାପ୍ତି ଘଟେ ନାହିଁ । ଜନ୍ମ ହେଲେ ମୃତ୍ୟୁ ଯେପରି ନିଶ୍ଚିତ, ମୃତ୍ୟୁ ପରେ ପୁନର୍ଜନ୍ମ ମଧ୍ୟ ସେପରି ନିଶ୍ଚିତ — **'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ'** (ଗୀତା. ୨:୨୭) ।

ଏହି ଅନାଦି-ଅନନ୍ତ ଜୀବନ-ବୃତ୍ତର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ କାଳାବଧିକୁ ଅର୍ଥାତ୍ ଜୀବାତ୍ମା ଏକ ଶରୀର ସହ ସଂଯୁକ୍ତ ହେବା ଠାରୁ ଆରମ୍ଭ କରି ପୁନଃ ସେହି ଶରୀରରୁ ବିଯୁକ୍ତ ହେବା ପର୍ଯ୍ୟନ୍ତ ସମୟକୁ ଜୀବନ କୁହାଯାଏ । ପ୍ରତ୍ୟେକ ଜୀବନର ଯାତ୍ରା ଅଛି । ଏହି ଯାତ୍ରାର ପଥିକ ପଥ ଅନ୍ୱେଷଣ କରିବା ସ୍ୱାଭାବିକ । ମଣିଷ ଆଗରେ ପଥ ଅନେକ । ସଂସାରରେ ଦେଖିବାକୁ ମିଳେ ଯେ କେହି ରାମଙ୍କ ଅନୁଗାମୀ ରୂପେ ପରିଚୟ ଦିଏ ତ କେହି କୃଷ୍ଣଙ୍କ ଅନୁଗାମୀ ରୂପେ । କେହି ବୁଦ୍ଧଙ୍କ ଅନୁଗମନ କଥା କହେ ତ କେହି ମହାବୀରଙ୍କର । କେହି ଯୀଶୁଖ୍ରୀଷ୍ଟଙ୍କ ଅନୁଗାମୀ ତ କେହି ହଜରତ ମହମ୍ମଦଙ୍କର । ଏମାନଙ୍କ ନାମରେ ନିର୍ଦ୍ଦିଷ୍ଟ ପନ୍ଥ-ସମ୍ପ୍ରଦାୟ ସଂସାରରେ ଦେଖିବାକୁ ମିଳେ । ସେ ସବୁରେ ଲୋକେ ଅନ୍ତର୍ଭୁକ୍ତ ହେଉଛନ୍ତି । କିନ୍ତୁ ନାଦିରଶାହ, ଚେଙ୍ଗିଜ ଖାଁ, ତୈମୁରଲଙ୍ଗ ଆଦିଙ୍କର କୌଣସି ନିର୍ଦ୍ଦିଷ୍ଟ ପନ୍ଥ-ସମ୍ପ୍ରଦାୟ ତ ନାହିଁ । ତଥାପି ନିଜ ଆଚରଣ-ବ୍ୟବହାର ଆଧାରରେ ବହୁ ଲୋକ ସେମାନଙ୍କ ଅନୁଗାମୀ ଥିବା ଦେଖାଯାଏ । ଚାର୍ବାକଙ୍କ ପଥର ଅନୁଗାମୀଙ୍କ ସଂଖ୍ୟା ମଧ୍ୟ ସଂସାରରେ କମ୍ ନୁହେଁ । କିନ୍ତୁ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ରାମ, କୃଷ୍ଣ, ବୁଦ୍ଧ, ମହାବୀର, ଯୀଶୁ, ମହମ୍ମଦ ଆଦିଙ୍କ ଜନ୍ମ ମଧ୍ୟ ଯେତେବେଳେ ହୋଇନଥିଲା ସେତେବେଳେ

ବି ଏ ସଂସାର ଥିଲା, ଏ ସଂସାରରେ ମନୁଷ୍ୟ-ସମାଜ ଥିଲା । ତେବେ ସୃଷ୍ଟିରୁ ପ୍ରାରମ୍ଭରୁ ଏ ମନୁଷ୍ୟ-ସମାଜ କେଉଁ ପଥରେ ଗତି କରିଆସୁଥିଲା, କାହାର ଅନୁସରଣ କରିଆସୁଥିଲା ? ଏପରିକି ସ୍ୱୟଂ ରାମ ଓ କୃଷ୍ଣ ମଧ୍ୟ କେଉଁ ପଥ ଅନୁସରଣ କରୁଥିଲେ, କେଉଁ ପଥର ପଥିକ ଥିଲେ ? ଆମେ ବାସ୍ତବରେ କାହାର ଅନୁଗମନ-ଅନୁସରଣ କରିବା ଦ୍ୱାରା ଆମ ଜୀବନର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ, ଆମ ଜୀବନର ଲକ୍ଷ୍ୟ ପ୍ରାପ୍ତ ହୋଇପାରିବ ? ଏ ସଂସାରରେ ଶାଶ୍ୱତ, ସନାତନ, ଚିରନ୍ତନ ସର୍ବବିଧ କଲ୍ୟାଣକାରୀ ମାର୍ଗ କେଉଁଟି ? ଯେଉଁ ପରମପିତା ପରମାତ୍ମା ମଣିଷକୁ ଏ ସଂସାରରେ ଜନ୍ମ ଦେଇଛନ୍ତି ମଣିଷର ପରମକଲ୍ୟାଣ ନିମନ୍ତେ ସିଏ ହିଁ ମଣିଷର ଅନୁଗମନ ସମ୍ବନ୍ଧରେ, ଜୀବନ-ପଥ ନିର୍ଦ୍ଧାରଣ ସମ୍ପର୍କରେ ସୃଷ୍ଟିର ପ୍ରାରମ୍ଭରୁ ବେଦର ଏ ମନ୍ତ୍ର ମାଧ୍ୟମରେ ସ୍ପଷ୍ଟ ରୂପେ ମାର୍ଗପ୍ରଦର୍ଶନ କରିଛନ୍ତି—

**ସ୍ୱସ୍ତି ପନ୍ଥାମନୁ ଚରେମ ସୂର୍ଯ୍ୟାଚନ୍ଦ୍ରମସାବିବ ।**
**ପୁନର୍ଦଦତାଘ୍ନତା ଜାନତା ସଂ ଗମେମହି ॥**

ମନ୍ତ୍ରକୁ ନିମ୍ନ ପ୍ରକାରେ ତିନି ଭାଗରେ ବିଭକ୍ତ କରି ସଫଳତା ପୂର୍ବକ ଆମେ ବୁଝିପାରିବା—

୧. **ସ୍ୱସ୍ତି ପନ୍ଥାମ୍ ଅନୁଚରେମ —** ଆମେ ସ୍ୱସ୍ତି (ସୁ + ଅସ୍ତି = ଉତ୍ତମ, ଶ୍ରେଷ୍ଠ ହୋଇଥିବା) ମାର୍ଗର ଅନୁଗମନ କରିବା ଉଚିତ ।

୨. **ସୂର୍ଯ୍ୟାଚନ୍ଦ୍ରମସୌ ଇବ —** ସୂର୍ଯ୍ୟ ଓ ଚନ୍ଦ୍ର ସଦୃଶ ।

୩. **ପୁନଃ ସଂ ଗମେମହି —** ପୁନଃ ଆମେ ସ୍ୱସ୍ତି ମାର୍ଗରେ ସାଥିରେ ରହିବା, ସଙ୍ଗ କରିବା ତିନି ପ୍ରକାର ବ୍ୟକ୍ତିଙ୍କର—

କ. **ଦଦତା** ଅର୍ଥାତ୍ ଦାନଶୀଳ ବ୍ୟକ୍ତିଙ୍କ ସହ ।

ଖ. **ଅଘ୍ନତା** ଅର୍ଥାତ୍ ଅହିଂସକ, ପରୋପକାରୀ ବ୍ୟକ୍ତିଙ୍କ ସହ ।

ଗ. **ଜାନତା** ଅର୍ଥାତ୍ ଜ୍ଞାନବାନ୍, ବିଚାରଶୀଳ ବ୍ୟକ୍ତିଙ୍କ ସହ ।

**୧. ସ୍ୱସ୍ତି ପନ୍ଥାମ୍ ଅନୁଚରେମ —** ଏହି ପ୍ରଥମ ଖଣ୍ଡରେ କୁହାଯାଇଛି କି ଆମେ 'ସ୍ୱସ୍ତି ପଥ'କୁ ଅନୁସରଣ କରିବା ଉଚିତ । ଏଠାରେ ବର୍ତ୍ତମାନ ବିବେଚନୀୟ ହେଲା 'ସ୍ୱସ୍ତି ପଥ' ମାନେ କ'ଣ ? ସ୍ୱସ୍ତି = ସୁ + ଅସ୍ତି । ସୁ = ଭଲ, ଉତ୍ତମ, ଶ୍ରେଷ୍ଠ, ଉତ୍କୃଷ୍ଟ, କଲ୍ୟାଣ ଆଦି । ଅସ୍ତି = ଅଟେ । ଅତଃ ସ୍ୱସ୍ତିର ଅର୍ଥ ହେଲା ଯାହା ଭଲ, ଉତ୍ତମ, ଶ୍ରେଷ୍ଠ, ଉତ୍କୃଷ୍ଟ, କଲ୍ୟାଣକାରୀ ଅଟେ । ଅତଃ **'ସ୍ୱସ୍ତି ପନ୍ଥା'**ର ଅର୍ଥ ହେଲା କଲ୍ୟାଣ ପଥ ।

ଆମ ସମସ୍ତଙ୍କର ଏହା ପ୍ରବଳ ଇଚ୍ଛା ଥାଏ ଯେ ଆମେ ସୁଖପ୍ରଦ, କଲ୍ୟାଣପ୍ରଦ ମାର୍ଗରେ, ଠିକ୍ ରାସ୍ତାରେ ଚାଲୁ । ସାମାନ୍ୟ ବୁଦ୍ଧି ଥିବା ଲୋକଟିଏ ମଧ୍ୟ ଜାଣି-ବୁଝି, ନିଜ ବୁଦ୍ଧିର ବିବେଚନା ଆଧାରରେ ଭୁଲ ରାସ୍ତାରେ ଯାଏ ନାହିଁ ଏବଂ ଯଦି ତା'ର ସନ୍ଦେହ ହୁଏ ଯେ ଯେଉଁ ମାର୍ଗରେ ସେ ଯାଉଛି ତାହା ଠିକ୍ ନୁହେଁ ତେବେ ସେ ତୁରନ୍ତ ଅଟକି ଯାଏ । ଆଉ ଯଦି ସେ ନିଶ୍ଚିତ ହୋଇଯାଏ ଯେ ସେହି ମାର୍ଗ ବସ୍ତୁତଃ ଭୁଲ୍ ତେବେ ସେ ତାକୁ ପରିତ୍ୟାଗ କରିଦିଏ । ଏହା ଆମ ସମସ୍ତଙ୍କ ନୈସର୍ଗିକ ଇଚ୍ଛା । ଅବଶ୍ୟ ଯଥାର୍ଥ ଜ୍ଞାନ ଅଭାବରୁ କେଉଁଟି ବାସ୍ତବରେ ଠିକ୍ ମାର୍ଗ ଓ କେଉଁଟି ଭୁଲ୍ ରାସ୍ତା ତାହାର ନିର୍ଣ୍ଣୟରେ ବହୁ ସମୟରେ ଭୁଲ୍ ହୋଇଯାଏ । ତେବେ ପ୍ରଶ୍ନ ହେଲା ଯେ କାହାକୁ ବାସ୍ତବରେ 'ସ୍ୱସ୍ତି ପଥ' ବା ଉତ୍ତମ, କଲ୍ୟାଣକାରୀ ମାର୍ଗ ବୋଲି ସ୍ୱୀକାର କରାଯିବ ?

ଆମ ଜୀବନ କ'ଣ ପାଇଁ ଉଦ୍ଦିଷ୍ଟ ? ଆମ ଜୀବନରେ ବସ୍ତୁତଃ ପ୍ରାପ୍ତବ୍ୟ କ'ଣ ? ଏ ପ୍ରଶ୍ନର ଉତ୍ତର ମହର୍ଷି ପତଞ୍ଜଳି ଦେଇଛନ୍ତି — **'ଭୋଗାପର୍ବାର୍ଥଂ ଦୃଶ୍ୟମ୍'** (ଯୋଗ. ୨:୧୮) — ଆମ ଜୀବନ ଭୋଗ ଓ ଅପବର୍ଗ ସକାଶେ, ଭୋଗର ସହଯୋଗରେ, ମାଧ୍ୟମରେ ଅପବର୍ଗ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଅର୍ଥାତ୍ ପୂର୍ବ କର୍ମର ଫଳ ଭୋଗ କରିବା ସାଙ୍ଗକୁ ନିରନ୍ତର ପୁରୁଷାର୍ଥ ପୂର୍ବକ ଅପବର୍ଗ, ମୁକ୍ତି ପ୍ରାପ୍ତି ନିମନ୍ତେ ଉଦ୍ଦିଷ୍ଟ । ଆମ ଜୀବନର ଏ ଲକ୍ଷ୍ୟ ପୂର୍ଣ୍ଣ ହୋଇପାରିବା ହିଁ

ଜୀବନର ଯଥାର୍ଥ କଲ୍ୟାଣ । ଯେଉଁ ପଥରେ ଗତି କଲେ ଆମର ଏ ଲକ୍ଷ୍ୟ ପୂର୍ଣ୍ଣ ହୋଇପାରିବ ତାହା ବାସ୍ତବରେ ଉତ୍ତମ, ଉତ୍କୃଷ୍ଟ ମାର୍ଗ, ସ୍ୱସ୍ତି ପଥ । ଏଣୁ ଆମେ ସ୍ୱସ୍ତି ପଥର ଅନୁଗମନ କରିବା ଉଚିତ । ଏହା ସେହି ପରମାତ୍ମାପ୍ରଦତ୍ତ ପଥ ଯେଉଁ ପଥରେ କି ଆମ ପୂର୍ବରୁ ଲକ୍ଷ-ଲକ୍ଷ ଋଷି-ମନୀଷୀ ଯାଇସାରିଛନ୍ତି । ଆମେ ସେମାନଙ୍କ ଦ୍ୱାରା ଅନୁସୃତ, ଈଶ୍ୱରପ୍ରଦତ୍ତ ନୈସର୍ଗିକ ପଥର ଅନୁଗମନ-ଅନୁସରଣ କରିବା ବିଧେୟ ।

ସ୍ୱସ୍ତି-ପଥର ମୁଖ୍ୟତଃ ୩ଟି ଲକ୍ଷଣ— ୧. ଯେଉଁଥିରେ ଗତି କରି ଲକ୍ଷ୍ୟସ୍ଥଳରେ ପହଞ୍ଚିହୁଏ । ୨. ଯାହା ଲଘୁତମ ଅର୍ଥାତ୍ ସବୁଠୁ ଛୋଟ ହୋଇଥାଏ । ୩. ଯେଉଁ ରାସ୍ତାରେ ଚାଲିବା ସୁଗମ ହୋଇଥାଏ, କମ୍‌ରୁ କମ୍ କଷ୍ଟ ମିଳିଥାଏ । ଗଧ ବି ବୁଝେ ଯେ ଯଦି ସିଧାରେ ଯାଇ ହେବ ତେବେ ବୁଲିବୁଲି ଦୂର ରାସ୍ତା ଦେଇ ନ ଯିବା ଉଚିତ । ଆମେ ସୁଗମ ଓ ଲଘୁତମ ମାର୍ଗକୁ ବି ଛାଡ଼ି ଦେବା ଯଦି ସେ ରାସ୍ତାରେ ଯାଇ ଉଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିପାରିବା ନାହିଁ । ଯଦି ମାର୍ଗ ଛୋଟ କିନ୍ତୁ ଦୁର୍ଗମ, କଣ୍ଟକାକୀର୍ଣ୍ଣ ହୋଇଥାଏ ତେବେ ସେପରି ରାସ୍ତା ଛାଡ଼ି ଲମ୍ବା ରାସ୍ତାରେ ଯିବାକୁ ପଡ଼ିଥାଏ । ଅତଃ ଯେଉଁ ପଥ ଆମ ଗନ୍ତବ୍ୟ, ଆମ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ କମ୍ ଦୂରତ୍ୱ ଅତିକ୍ରମ କରାଇ ଆମକୁ ନିର୍ବିଘ୍ନରେ, ନିରାପଦ ଭାବେ ପହଞ୍ଚାଇଦିଏ ତାହା ସ୍ୱସ୍ତି ପଥ । ଏହି ତଥ୍ୟକୁ ମଣିଷର ହୃଦୟ-ପଟଳରେ ଅଙ୍କିତ କରିବା ପାଇଁ ବହୁ ଦୃଷ୍ଟାନ୍ତ ଦିଆଯାଇପାରେ । ଏହି ବେଦମନ୍ତ୍ରରେ ଯେଉଁ ଦୃଷ୍ଟାନ୍ତ ଦିଆଯାଇଛି ତାହା ପ୍ରାକୃତିକ, ସର୍ବଦୃଷ୍ଟ, ବୈଜ୍ଞାନିକ । ତାହା ହେଲା—

**୨. ସୂର୍ଯ୍ୟାଚନ୍ଦ୍ରମସୌ-ଇବ —** ସୂର୍ଯ୍ୟ ଓ ଚନ୍ଦ୍ର ସଦୃଶ ଅର୍ଥାତ୍ ଆମେ ସ୍ୱସ୍ତିମାର୍ଗର ଅନୁଗମନ ଏପରି କରିବା ଉଚିତ ଯେପରି ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱସ୍ତି-ମାର୍ଗରେ ଗତି କରନ୍ତି । ପ୍ରଶ୍ନ ଉଠୁଛି ଯେ ଆମେ ସୂର୍ଯ୍ୟ ଓ ଚନ୍ଦ୍ରର କଲ୍ୟାଣ ପଥର ଅନୁଗମନ ଭଳି କାହିଁକି ଅନୁଗମନ କରିବା ? ଏହାର ଉତ୍ତର ପାଇବାକୁ ହେଲେ ସୂର୍ଯ୍ୟ ଓ ଚନ୍ଦ୍ରର ସ୍ୱସ୍ତି ପଥର ଅନୁଗମନ କିପରି ଅଟେ ଆମକୁ ଏହା ଉପରେ ବିଚାର-ଚିନ୍ତନ କରିବାକୁ ହେବ । ତେବେ ଏଥିରୁ ଆମେ ଆମ ପାଇଁ ଉପଯୋଗୀ ଶିକ୍ଷା ଗ୍ରହଣ କରିପାରିବା ।

**କ. ବୈଷମ୍ୟ ସତ୍ତ୍ୱେ ସମନ୍ୱୟ —** ସୂର୍ଯ୍ୟ ଓ ଚନ୍ଦ୍ରକୁ ଆମେ ନିତିଦିନ ଦେଖୁ । ଦିନରେ ସୂର୍ଯ୍ୟ ଦେଖାଯାଏ ଓ ରାତିରେ ଚନ୍ଦ୍ର । ସୂର୍ଯ୍ୟ ବହୁତ ବଡ଼, ତା' ତୁଳନାରେ ଚନ୍ଦ୍ର ବହୁତ ଛୋଟ । ସୂର୍ଯ୍ୟ କେତେ ବଡ଼ ? ଆମ ଆଗ ଥରେ ଆମ ଗ୍ରହ ପୃଥିବୀର ବିଶାଳତା କଥା ଚିନ୍ତା କରିବା । ଏହା କେତେ ବିଶାଳ ! ଆମେ ତ ଏହାର ଏକ ଅତି କ୍ଷୁଦ୍ର ଅଂଶକୁ ହିଁ ଦେଖିପାରୁଛେ । ସୂର୍ଯ୍ୟ ଏ ବିଶାଳ ପୃଥିବୀଠୁ ୧୩ ଲକ୍ଷ ଗୁଣ ବଡ଼ । ଆଉ ଚନ୍ଦ୍ର ? ଚନ୍ଦ୍ର ତ ପୃଥିବୀଠୁ ବି ବହୁତ ଛୋଟ । ଆକାରରେ ପୃଥିବୀର ପ୍ରାୟ ୪ ଭାଗରୁ ୧ ଭାଗ ଏବଂ ଓଜନରେ ପୃଥିବୀର ପ୍ରାୟ ୮୦ ଭାଗରୁ ୧ ଭାଗ । ଏତେ ବଡ଼ ସୂର୍ଯ୍ୟ ଓ ଏତେ ଛୋଟ ଚନ୍ଦ୍ର । ଏ ଦୁଇଟି ପିଣ୍ଡ ଆକାଶରେ ଗତି କରନ୍ତି ।

ସୂର୍ଯ୍ୟ ଓ ଚନ୍ଦ୍ରର ଆକାଶରେ ଯାତ୍ରା ଉପରେ ବିଚାର କରିବା । ଏ ଉଭୟ ସାଥି ହୋଇ ଚାଲୁଥିବାର ଆମକୁ ଦେଖାଯାନ୍ତି ନାହିଁ । ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ ସେତେବେଳେ ଚନ୍ଦ୍ର ଲୁଚିଯାଏ । ଆଉ ଯେତେବେଳେ ଚନ୍ଦ୍ରର ଦର୍ଶନ ହୋଇଥାଏ ସେତେବେଳେ ସୂର୍ଯ୍ୟଦର୍ଶନ କଷ୍ଟକର ହୋଇଥାଏ । ସୂର୍ଯ୍ୟର ନିଜସ୍ୱ ଆଲୋକ ଅଛି, ଚନ୍ଦ୍ରର ନାହିଁ । କିନ୍ତୁ ଏମାନଙ୍କ ମଧ୍ୟରେ ସମନ୍ୱୟ ଅଛି । ଏଣୁ ଆମେ ଦିନ ଓ ରାତିରେ ଏମାନଙ୍କ ଯଥାଯୋଗ୍ୟ ସହଯୋଗ ପାଇଥାଉ । ମନ୍ତ୍ରରେ ଏତଦ୍ଦ୍ୱାରା ଦର୍ଶାଯାଇଛି ଯେ ସଂସାରର ଭିନ୍ନ-ଭିନ୍ନ ପଦାର୍ଥ ଅନେକ ପ୍ରକାର ଅସମାନତା ଅଥବା ବିଷମତା ରଖି ମଧ୍ୟ କେଉଁ ଭଳି ପରସ୍ପର ସହ ସମନ୍ୱୟ ରଖିପାରନ୍ତି, ଗୋଟିଏ ଅନ୍ୟଟିର ସହଯୋଗ ପ୍ରାପ୍ତ କରିପାରନ୍ତି ।

ଏହା ତ ସ୍ପଷ୍ଟ ଯେ ସଂସାରର କୌଣସି ୨ଟି ବସ୍ତୁ ପୂର୍ଣ୍ଣତଃ ଏକା ଭଳି ନୁହନ୍ତି । ସେଗୁଡ଼ିକ ମଧ୍ୟରେ କିଛି ସମାନତା ଓ କିଛି ଅସମାନତା ଅବଶ୍ୟ ଥାଏ । ଯଦି କୌଣସି

୨ଟି ପଦାର୍ଥ ମଧ୍ୟରେ କିଛି ବି ବୈଷମ୍ୟ ନ ଥାଆନ୍ତା ତେବେ ତାହା ଦୁଇଟି ପଦାର୍ଥ କାହିଁକି ହୋଇଥାଆନ୍ତା ? ଗୋଟିଏ ପଦାର୍ଥ ହିଁ ହୋଇଥାଆନ୍ତା । ଅବଶ୍ୟ କେଉଁଠି ଅସମାନତା ସ୍ଥୂଳତଃ ଦୃଷ୍ଟିଗୋଚର ହୋଇଥାଏ ତ କେଉଁଠି ସୂକ୍ଷ୍ମ ରୂପେ ଥାଏ । ଆମ ଚତୁଃପାର୍ଶ୍ୱରେ ଯେତେ ଜଡ଼ ପଦାର୍ଥ ଅଛି, ଯେତେ ବୃକ୍ଷ-ବନସ୍ପତି ଆଦି ଉଦ୍ଭିଦ ତଥା ପଶୁ-ପକ୍ଷୀ-କୀଟ-ପତଙ୍ଗ-ମନୁଷ୍ୟ ଆଦି ଯେତେ ପ୍ରାଣୀ ଅଛନ୍ତି ସମସ୍ତଙ୍କର ଭିନ୍ନ-ଭିନ୍ନ ଗୁଣ-କର୍ମ-ସ୍ୱଭାବ ରହିଛି । ସବୁ ପ୍ରାଣୀ ଆମ ଇଚ୍ଛାନୁକୂଳ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହେବା ସମ୍ଭବ ନୁହେଁ; ସବୁ ମଣିଷ ଆମ ଭଳି ହେବା, ଆମ ଇଚ୍ଛାନୁକୂଳ କାମ କରିବା ସମ୍ଭବ ନୁହେଁ । ଅତଃ ଏ ସଂସାରର ପଦାର୍ଥଗୁଡ଼ିକ ମଧ୍ୟରେ ବିବିଧ ଅସମାନତା ଥିବା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଥିବା ସମନ୍ୱୟର ସୂକ୍ଷ୍ମ ନିୟମକୁ ଆମେ ଅନୁଧ୍ୟାନ, ନିରୀକ୍ଷଣ, ବିଶ୍ଳେଷଣ କରି ସେଥିରୁ ଶିକ୍ଷା ଗ୍ରହଣ ପୂର୍ବକ ଆମ ଜୀବନକୁ ଯେତେ ସମ୍ଭବ ସମନ୍ୱୟପୂର୍ଣ୍ଣ କରିପାରିବା ସେତେ ସୁଖୀ ହୋଇପାରିବା ।

**ଖ. ଉଦୟଶୀଳତା—** ସୂର୍ଯ୍ୟ ଓ ଚନ୍ଦ୍ର ଉଭୟ ଅସ୍ତ ହୁଅନ୍ତି; କିନ୍ତୁ ଉଚିତ ସମୟ ଆସିଲେ ସଂସାରର କୌଣସି ବିରୋଧୀ ଶକ୍ତି ସେମାନଙ୍କ ପୁନଃ ଉଦୟକୁ ଅଟକାଇ ପାରେ ନାହିଁ । ସଂସାରରେ ଉଦୟ-ଅସ୍ତ ତ ଚାଲିଥାଏ । କିନ୍ତୁ ଅସ୍ତ ପରେ ସୂର୍ଯ୍ୟ-ଚନ୍ଦ୍ରର ଉଦୟଶୀଳତା ନିର୍ବାଧ । ଆମେ ମଧ୍ୟ ଉଦୟଶୀଳ ହେବା, ଜୀବନରେ ସକଳ ବାଧା-ପ୍ରତିବନ୍ଧକ ଅତିକ୍ରମ କରି ପୁନଶ୍ଚ ଉଠିବା ।

ଆମେ ଦେଖୁ କୃଷ୍ଣପକ୍ଷରେ ଚନ୍ଦ୍ରର କଳା ହ୍ରାସ ପାଇଚାଲେ । ଏପରିକି ଅମାବାସ୍ୟାରେ ଚନ୍ଦ୍ର ଆଦୌ ଦେଖାଯାଏ ନାହିଁ । ତଥାପି ଚନ୍ଦ୍ର ସଦା ନିରନ୍ତର ତା'ର ଗତି ନିରଳସ ଭାବେ ବଜାୟ ରଖିଥାଏ । ପରିଣାମରେ ପୁନଃ ଶୁକ୍ଳପକ୍ଷର ଆଗମନ ହୁଏ ଓ ଚନ୍ଦ୍ର ସମସ୍ତଙ୍କୁ ଆନନ୍ଦ ଦିଏ, ଆଦୃତ ହୁଏ । ଚନ୍ଦ୍ର ଭଳି ଆମେ ମଧ୍ୟ ସଦା ଆଶା-ବିଶ୍ୱାସ ଓ ଉତ୍ସାହପୂର୍ଣ୍ଣ ମନରେ ଦୁର୍ଦ୍ଦିନରେ, ପ୍ରତିକୂଳ ସ୍ଥିତିରେ ମଧ୍ୟ ନିରନ୍ତର ତପ କରିଚାଲିବା, ପୁରୁଷାର୍ଥ କରିଚାଲିବା ତ ଆମ ଜୀବନରେ ମଧ୍ୟ ନିଶ୍ଚିତ ରୂପେ କେବେ ନା କେବେ ପୁଣି ପୂର୍ଣ୍ଣିମା ଆସିବ ଏବଂ ଆମେ ପୂର୍ଣ୍ଣମୀର ଚନ୍ଦ୍ର ଭଳି ସମସ୍ତଙ୍କ ଆଦରର ଜହ୍ନମାମୁଁ ହୋଇ ସମସ୍ତଙ୍କ ଆହ୍ଲାଦ ଓ ପ୍ରସନ୍ନତାର କାରଣ ହୋଇପାରିବା ।

**ଗ. ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱ-ସ୍ୱ କକ୍ଷରେ —** ସୂର୍ଯ୍ୟ ନିଜ ବୃତ୍ତରେ, ନିଜ କକ୍ଷରେ, ସ୍ୱ ସୀମାରେ ଦୃଢ଼ତାପୂର୍ବକ ରହି ମିଲ୍‌କି ୱେ ଗ୍ୟାଲେକ୍‌ସି (Milky way Galaxy) ଅର୍ଥାତ୍ ଆକାଶଗଙ୍ଗା ବା ତାରକାପୁଞ୍ଜର କେନ୍ଦ୍ରକୁ ପରିକ୍ରମା କରେ । ଚନ୍ଦ୍ର ମଧ୍ୟ ନିଜ କକ୍ଷପଥରେ, ବୃତ୍ତରେ ଦୃଢ଼ ଭାବେ ରହି ପୃଥିବୀକୁ ପରିକ୍ରମା କରେ । ଆମେ ମଧ୍ୟ ସର୍ବଦା ସ୍ୱ ମର୍ଯ୍ୟାଦାରେ ରହିବା, କେବେ ମଧ୍ୟ ମର୍ଯ୍ୟାଦାର ଅତିକ୍ରମଣ କରିବା ନାହିଁ, ଅମର୍ଯ୍ୟାଦିତ ଆଚରଣ କରିବା ନାହିଁ ।

**ଘ. ଆକର୍ଷଣ —** ଲୁହା ଚୁମ୍ବକ ଆଡ଼କୁ ଆକର୍ଷିତ ହୋଇ ଆସେ । କାରଣ ଚୁମ୍ବକ ନିଜ ଆକର୍ଷଣ ଶକ୍ତିରେ ଲୁହାକୁ ଟାଣି ଆଣେ । ସୂର୍ଯ୍ୟ ଓ ଚନ୍ଦ୍ର ଉଭୟର ଆକର୍ଷଣ ଅଛି । ସୂର୍ଯ୍ୟ ସମଗ୍ର ସୌରଜଗତକୁ ନିଜ ଆଡ଼କୁ ଆକର୍ଷିତ କରି ନିୟନ୍ତ୍ରିତ କରେ । ଏହି ଆକର୍ଷଣ ନ ଥିଲେ ମହାକାଶରେ ସୌରଜଗତର ଅସ୍ତିତ୍ୱ ନଥାନ୍ତା । ଗ୍ରହଗୁଡ଼ିକ ଇତସ୍ତତଃ ଛିଟିକି ପଡ଼ି ଧ୍ୱଂସ ପାଇଯାନ୍ତେ । ଚନ୍ଦ୍ର ସମୁଦ୍ରର ଲହଡ଼ିକୁ ଆକର୍ଷିତ କରେ । ଏଥିପାଇଁ ଜୁଆର ଉଠେ । ମଣିଷ ଶରୀରର ପ୍ରାୟ ୭୫% ଜଳୀୟ ତତ୍ତ୍ୱ । ଚନ୍ଦ୍ରର ଆକର୍ଷଣର ମଣିଷର ଶରୀର ଉପରେ ମଧ୍ୟ ଅନେକ ଅନୁକୂଳ ପ୍ରଭାବ ଅଛି । ଚନ୍ଦ୍ର ଆମ ମନ ତରଙ୍ଗକୁ ମଧ୍ୟ ଆକର୍ଷିତ କରେ । ଚନ୍ଦ୍ରର ଏ ଆକର୍ଷଣ ପୃଥିବୀର ଘୂର୍ଣ୍ଣନ ଓ ଦିନ-ରାତିକୁ ସନ୍ତୁଳିତ ରଖେ । ସୂର୍ଯ୍ୟ ଚତୁର୍ଦ୍ଦିଗରେ ପୃଥିବୀ ପରିକ୍ରମା କରିବା ଯୋଗୁଁ ତ ଋତୁ ପରିବର୍ତ୍ତନ ହୋଇଥାଏ; କିନ୍ତୁ ଋତୁର ସ୍ଥାୟିତ୍ୱରେ ଚନ୍ଦ୍ରର ଆକର୍ଷଣର ମଧ୍ୟ ବଡ଼ ଭୂମିକା ରହିଥିବା ଗବେଷଣାରୁ ଜଣାଯାଇଛି ।

ଆମ ଜୀବନରେ ମଧ୍ୟ ଆକର୍ଷଣ ରହିବା ଉଚିତ । ଆକର୍ଷଣ ହିଁ ସଂଗଠନର ହେତୁ । ଉଚ୍ଚ ଆଦର୍ଶ, ଉଚ୍ଚ ସଂକଳ୍ପ,

ଉଚ୍ଚ ଜୀବନ, ସଦାଚାର, ସତ୍ୟନିଷ୍ଠା ଆଦି ଆମ ଜୀବନର ଆକର୍ଷଣର କେନ୍ଦ୍ର । ୧୮୫୭ର ଭାରତର ସ୍ୱାଧୀନତା ସଂଗ୍ରାମ ହେଉ କି ସ୍ୱାଧୀନତା ପାଇଁ ପରବର୍ତ୍ତୀକାଳିକ ନିରବଚ୍ଛିନ୍ନ ବିବିଧ ସଂଘର୍ଷ, ଆନ୍ଦୋଳନ ହେଉ ତତ୍‌କାଳୀନ ନେତୃତ୍ୱର ଉଚ୍ଚ ଆଦର୍ଶ, ସଂକଳ୍ପ, ଜୀବନମୂଲ୍ୟ, ଧ୍ୟେୟନିଷ୍ଠା ଆଦିର ଆକର୍ଷଣରେ ହିଁ ଆକର୍ଷିତ ହୋଇ ଆବାଳବୃଦ୍ଧ ବନିତା ଘର-ଦ୍ୱାର, ସୁଖ-ସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗ କରି ସ୍ୱ ଜୀବନକୁ ସ୍ୱାଧୀନତାର ଯଜ୍ଞବେଦୀରେ ଆହୁତି ଦେବା ପାଇଁ ଆଗେଇ ଆସିଥିଲେ ।

**ଙ. ଉଦୟ-ଅସ୍ତର ଆଦର୍ଶ —** ଉଦୟ-ଅସ୍ତ, ଜୀବନ-ମରଣ ସଂସାରର ଶାଶ୍ୱତ ନିୟମ । କିନ୍ତୁ ସୂର୍ଯ୍ୟର ଉଦୟ-ଅସ୍ତ ହେବା ମଧ୍ୟ ଆମକୁ ଶିକ୍ଷା ଦିଏ ।

**ଉଦୟେ ସବିତା ରକ୍ତୋ ରକ୍ତଶ୍ଚାସ୍ତମୟେ ତଥା ।**
**ସମ୍ପତ୍ତୌ ଚ ବିପତ୍ତୌ ଚ ମହତାମେକରୂପତା ॥**

(ପଞ୍ଚତନ୍ତ୍ର)

ଉଦୟ ସମୟରେ ସୂର୍ଯ୍ୟ ଯେଉଁଭଳି ଲାଲ ରଙ୍ଗର ହୋଇଥାଏ, ଅସ୍ତ ସମୟରେ ମଧ୍ୟ ସେହିପରି ଲାଲ ରଙ୍ଗର ହୋଇଥାଏ । ମହାନ୍ ବ୍ୟକ୍ତିମାନଙ୍କର ମନଃସ୍ଥିତି ସମ୍ପତ୍ତି ହେଉ କି ବିପତ୍ତି, ସୁଖ ହେଉ କି ଦୁଃଖ ଉଭୟ ସ୍ଥିତିରେ ଏକା ଭଳି ରହିଥାଏ ।

ଅତଃ ଆମେ ମଧ୍ୟ ନିଜ ଜୀବନର ଉତ୍‌ଥାନ-ପତନ ଏ ଉଭୟ ଅବସ୍ଥାରେ ଧୀର, ସ୍ଥିର, ସମ ଭାବରେ ରହିବା ।

**ଚ. ପ୍ରାଣ, ଊର୍ଜା ଆଦିର ଦାତା —** ସୂର୍ଯ୍ୟ ଊର୍ଜା ଓ ପ୍ରାଣର ଦାତା ।

**ଅଥାଦିତ୍ୟ ଉଦୟନ୍ୟତ୍‌ପ୍ରାଚୀଂ ଦିଶଂ ପ୍ରବିଶତି ତେନ ପ୍ରାଚ୍ୟାନ୍ ପ୍ରାଣାନ୍ ରଶ୍ମିଷୁ ସଂନିଧତ୍ତେ ଯଦ୍ଦକ୍ଷିଣାଂ ଯତ୍‌ପ୍ରତୀଚୀଂ ଯଦୁଦୀଚୀଂ ଯଦଧୋ ଯଦୂର୍ଦ୍ଧ୍ୱଂ ଯଦନ୍ତରା ଦିଶୋ ଯତ୍ସର୍ବଂ ପ୍ରକାଶୟତି ତେନ ସର୍ବାନ୍ ପ୍ରାଣାନ୍ ରଶ୍ମିଷୁ ସଂନିଧତ୍ତେ ॥**

(ପ୍ରଶ୍ନ. ୧:୬)

ସୂର୍ଯ୍ୟର ପ୍ରାଣଶକ୍ତି ତା'ର କିରଣରେ ଅଛି । ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ସ୍ୱ କିରଣ ମାଧ୍ୟମରେ ପୂର୍ବ ଦିଗକୁ ପ୍ରାଣଶକ୍ତିରେ ଭରିଦିଏ । ଏହିପରି ଦକ୍ଷିଣ, ପଶ୍ଚିମ, ଉତ୍ତର, ତଳ, ଉପର ଏବଂ ଏସବୁ ଦିଗର ମଧ୍ୟବର୍ତ୍ତୀ ଦିଗ (ବାୟବ୍ୟ, ନୈର୍ଋତ ଆଦି) ସର୍ବତ୍ର ନିଜ କିରଣ ଦ୍ୱାରା ସୂର୍ଯ୍ୟୋଦୟ ଠାରୁ ଆରମ୍ଭ କରି ସାରାଦିନ ପ୍ରାଣଶକ୍ତି ସଞ୍ଚାର କରୁଥାଏ । ପାଣି, ପବନ, ବୃକ୍ଷ, ଲତା, ପଶୁ, ପକ୍ଷୀ, ମନୁଷ୍ୟ ଆଦି ଏ ସବୁରେ ସୂର୍ଯ୍ୟଙ୍କ କିରଣ ଦ୍ୱାରା ପ୍ରାଣଶକ୍ତିର ସଞ୍ଚାର ହୋଇଥାଏ । ସୂର୍ଯ୍ୟ ଏହି ପ୍ରାଣଶକ୍ତି ସଞ୍ଚାର କରିବା କାରଣରୁ ହିଁ ସକଳ ଜୀବ-ଜନ୍ତୁ-ମନୁଷ୍ୟ ଆଦି ସଂସାରର ଭୋଗ କରିବାରେ ସମର୍ଥ ହୋଇଥାନ୍ତି ।

ଚନ୍ଦ୍ର ଆହ୍ଲାଦ ଓ ପୋଷକ ରସ ଦିଏ । ଓଷଧି ସମୂହରେ ରସ ସଞ୍ଚାର କରେ ।

ଆମେ ମଧ୍ୟ ସେହିପରି ସଂସାରର ପ୍ରାଣୀମାନଙ୍କ ପ୍ରାଣରକ୍ଷାରେ ସହାୟକ ହେବା, ସଂସାରକୁ ଆନନ୍ଦ-ଉଲ୍ଲାସ ଦେବା ଓ ପୋଷଣ କରିବା ।

**ଛ. ପ୍ରକାଶ ଦାତା—** ସୂର୍ଯ୍ୟ ଦିନରେ ପ୍ରକାଶ ଦିଏ । ଚନ୍ଦ୍ରର ନିଜର ପ୍ରକାଶ ନାହିଁ । ତଥାପି ସୂର୍ଯ୍ୟଠୁ ପ୍ରାପ୍ତ ପ୍ରକାଶକୁ ପ୍ରତିଫଳିତ କରାଇ ରାତିରେ ପ୍ରକାଶ ଦିଏ । ଏହିଭଳି ଭାବେ ପ୍ରକାଶ ଦେବା ଉଭୟଙ୍କ ସ୍ୱଭାବ । ସୂର୍ଯ୍ୟର ପ୍ରକାଶ ଯୋଗୁ ହିଁ ଭାଶ୍ଲେଷଣ ପ୍ରକ୍ରିୟାରେ ଗଛ ଖାଦ୍ୟ ପ୍ରସ୍ତୁତ କରିଥାଏ । ସୂର୍ଯ୍ୟ ଓ ଚନ୍ଦ୍ର ବିନା ଭେଦଭାବରେ ଅକାତରେ ସମସ୍ତଙ୍କୁ ଆଲୋକ ପ୍ରଦାନ କରନ୍ତି ଏବଂ ତଦ୍ୱାରା ଆମକୁ ରାସ୍ତା ଦେଖାଇ ଝୁଣ୍ଟିପଡ଼ିବା ଓ ଖାଲରେ ପଡ଼ିବାରୁ ରକ୍ଷା କରନ୍ତି । ସେହିପରି ଆମେ ମଧ୍ୟ ବିନା ଭେଦଭାବରେ ଜ୍ଞାନ-ପ୍ରକାଶ ପ୍ରଦାନ କରି-କରି ଜୀବନଯାତ୍ରାରେ ଲୋକଙ୍କୁ ଝୁଣ୍ଟି ହେବାରୁ ଓ ଖାଲରେ ପଡ଼ିବାରୁ ରକ୍ଷା କରିବା । ସୂର୍ଯ୍ୟର ଉଦୟ ଆମକୁ ଦିଗ ନିର୍ଣ୍ଣୟରେ ସହାୟତା କରେ । ଆମେ ବି ସଂସାରକୁ ଉଚିତ ଦିଗ୍‌ଦର୍ଶନ ଦେବା ।

**ଜ. ତେଜସ୍ୱୀ ଅଥଚ ସୌମ୍ୟ —** ସୂର୍ଯ୍ୟ

ତେଜୋମୟ ପଦାର୍ଥ । ପ୍ରଖର ପ୍ରକାଶ ଦିଏ । ଚନ୍ଦ୍ର ଶାନ୍ତ, ସୌମ୍ୟ, ସ୍ନିଗ୍ଧ ପ୍ରକାଶ ଦିଏ ।

ଏହିଭଳି ସୂର୍ଯ୍ୟଙ୍କଠାରୁ ପ୍ରେରଣା ପାଇ ଆମେ ତେଜସ୍ୱୀ, ବଳିଷ୍ଠ, ଜ୍ଞାନ-ପ୍ରକାଶରେ ସମ୍ପନ୍ନ ହୋଇ ସଂସାରରେ ଅନ୍ୟାୟର ଦୃଢ଼ ମୁକାବିଲା କରିବା । ତା ସାଙ୍ଗକୁ ଚନ୍ଦ୍ର ଠାରୁ ପ୍ରେରଣା ପାଇ ଶାନ୍ତ, ସୌମ୍ୟ, ବିନମ୍ର ମଧ୍ୟ ହୋଇ ସମସ୍ତଙ୍କୁ ଶାନ୍ତି ଓ ଆହ୍ଲାଦ ପ୍ରଦାନ କରିବା । ସମୟର ଆବଶ୍ୟକତାନୁଯାୟୀ ଆମେ ଉଭୟ ପ୍ରକାର ଗୁଣ-ଧର୍ମର ସମୁଚିତ ପ୍ରୟୋଗ କରିବା ।

**୫. ପରିଶ୍ରମ —** ସୂର୍ଯ୍ୟ ଓ ଚନ୍ଦ୍ର ଥକି ନ ଯାଇ ଅବିରାମ ଭାବରେ ସଂସାରର କଲ୍ୟାଣ ପାଇଁ ଗତି କରୁଥାନ୍ତି । ଆମେ ମଧ୍ୟ ସେହିପରି ଆଳସ୍ୟ-ପ୍ରମାଦଗ୍ରସ୍ତ ନ ହୋଇ ଜଗତକଲ୍ୟାଣ ପାଇଁ ଅକ୍ଲାନ୍ତ ପରିଶ୍ରମ କରି ସମସ୍ତଙ୍କୁ ସୁଖୀ କରିବା ।

**୬. ନିରନ୍ତରତା, ନିୟମିତତା —** ସୂର୍ଯ୍ୟ ଓ ଚନ୍ଦ୍ର ନିଜ ନିୟମରେ ଦୃଢ଼ତାପୂର୍ବକ ବନ୍ଧା । ସୂର୍ଯ୍ୟ ଓ ଚନ୍ଦ୍ର ନିତ୍ୟ-ନିୟମିତ ରୂପେ ସ୍ୱ କାର୍ଯ୍ୟରେ ସଂଲଗ୍ନ ରହିଥାନ୍ତି; ପରମାତ୍ମାଙ୍କ ନିର୍ମିତ ନିୟମ ଅନୁସାରେ ନିରୁପଦ୍ରବ ରୂପେ ବିଚରଣ କରି ସମସ୍ତଙ୍କ ଉପକାର କରନ୍ତି । ସେହିପରି ଆମେ ପ୍ରଭୁ ପ୍ରଦର୍ଶିତ ନିୟମରେ ବନ୍ଧା ହୋଇ ରହୁ ଏବଂ ସଦା ଧର୍ମ-ଅର୍ଥ-କାମ-ମୋକ୍ଷ ସାଧକ କଲ୍ୟାଣମୟ ପଥର ନିତ୍ୟ-ନିୟମିତ ରୂପେ ଅନୁସରଣ କରୁ । ଆମ ଗତିରେ ଅନିୟମିତତା ନ ରହୁ ।

ଏହା ତ ହେଲା ଜୀବନର ଯାତ୍ରାରେ ସୂର୍ଯ୍ୟ ଓ ଚନ୍ଦ୍ରର ଅନୁଗମନର ସ୍ୱରୂପ । କିନ୍ତୁ ଜୀବନର ଯାତ୍ରା ମଧ୍ୟ ଅନ୍ତତଃ ଯାତ୍ରା ହିଁ ଅଟେ ତଥା ଯାତ୍ରାରେ ସାଥୀ-ସହଯାତ୍ରୀ ମିଳିବେ ଅବଶ୍ୟ ଏବଂ ମିଳିବା ଉଚିତ ମଧ୍ୟ । ଜନ୍ମରୁ ହିଁ ଏ ଯାତ୍ରା ଆରମ୍ଭ ହୋଇଯାଏ । ଜନ୍ମ ସହ ହିଁ ସଙ୍ଗୀ-ସାଥୀ-ସହଯାତ୍ରୀ ମିଳିବାକୁ ଲାଗନ୍ତି । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏକୁଟିଆ ତ ରହେ ନାହିଁ । ସମାଜ ବା ସମୁଦାୟ ତ ମାନବ ଜୀବନର ଅନିବାର୍ଯ୍ୟ ପରିବେଶ । ଘର-ବାହାର, ବିଦ୍ୟାଳୟ-କାର୍ଯ୍ୟାଳୟ, କ୍ରୀଡ଼ାଙ୍ଗନ-ବାଣିଜ୍ୟ ପ୍ରତିଷ୍ଠାନ ଆଦି ସର୍ବତ୍ର ସାଙ୍ଗ ମିଳନ୍ତି । ମାତା-ପିତା, ଭାଇ-ଭଉଣୀ, ବନ୍ଧୁ-ବାନ୍ଧବ, ଜ୍ଞାତି-କୁଟୁମ୍ବ, ଗାଁ ଲୋକ, ସହପାଠୀ, ଜୀବନସାଥୀ ପତି-ପତ୍ନୀ ଆଦି ଅନେକେ ମଣିଷର ଦୀର୍ଘ ଜୀବନଯାତ୍ରାରେ କେବେ ନା କେବେ କିଛି-କିଛି ସମୟର ସାଥୀ-ସହଯାତ୍ରୀ ହୋଇଥାନ୍ତି । ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ, ଆମ ଯାତ୍ରାରେ ସାଥୀ ଭାବେ ଆମେ କିଭଳି ଲୋକଙ୍କୁ ଚୟନ କରିବା ଉଚିତ, ଆମେ କିଭଳି ଲୋକଙ୍କ ସାଥିରେ ଚାଲିବା ଉଚିତ, କିଭଳି ଲୋକଙ୍କ ସହ ସାଙ୍ଗ ହେବା ଉଚିତ, କିଭଳି ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହେଲେ ଜଣେ ସ୍ୱସ୍ତିପଥର ଯାତ୍ରାରେ ଯଥାର୍ଥ ସାଥୀ ହୋଇପାରିଥାଏ ? ସେ ବିଷୟରେ ମନ୍ତ୍ରର ଅନ୍ତିମ ଖଣ୍ଡରେ କୁହାଯାଇଛି—

**୩. ପୁନଃ ଦଦତା, ଅଘ୍ନତା, ଜାନତା ସଂ ଗମେମହି —** ମନ୍ତ୍ରାଂଶରେ ୩ଟି ଶବ୍ଦ ଅଛି— **ଦଦତା, ଅଘ୍ନତା, ଜାନତା** । ଏ ତିନୋଟି ଯାକ ପଦ ତୃତୀୟା ବିଭକ୍ତି ଏକବଚନର ଅର୍ଥାତ୍ ଆମେ ଏସବୁ ଗୁଣବିଶିଷ୍ଟ ବ୍ୟକ୍ତିଙ୍କ ସହ ସାଙ୍ଗ ହେବା ଉଚିତ । ନିଜର ଏହି ଉଦ୍ଦେଶ୍ୟର ପୂର୍ତ୍ତି ନିମନ୍ତେ ଅର୍ଥାତ୍ କଲ୍ୟାଣମୟ ପଥରେ ନିର୍ବାଧ ରୂପେ ଚାଲିବା ପାଇଁ ଆମେ ପୁନଃପୁନଃ ଏଭଳି ମହାନୁଭବଙ୍କ ସହ ସଂଗତି କରୁ—

**କ. ଦଦତା** ଅର୍ଥାତ୍ ଦାନଶୀଳ ବ୍ୟକ୍ତିଙ୍କ ସହ ।

**ଖ. ଅଘ୍ନତା** ଅର୍ଥାତ୍ ଅହିଂସକ, ପରୋପକାରୀ ବ୍ୟକ୍ତିଙ୍କ ସହ ।

**ଗ. ଜାନତା** ଅର୍ଥାତ୍ ଜ୍ଞାନବାନ୍, ବିଚାରଶୀଳ ବ୍ୟକ୍ତିଙ୍କ ସହ ।

ବର୍ତ୍ତମାନ ଗୋଟିଏ-ଗୋଟିଏ ବିଶେଷତା ଉପରେ କିଛି-କିଛି ବିଚାର କରିବା—

**କ. ଦଦତା ସଂ ଗମେମହି —** ଦାନର ବହୁତ ମହିମା । ଦେବାରେ ଏକ ସ୍ୱତନ୍ତ୍ର ଆନନ୍ଦ ନିହିତ ଅଛି ।

ଦାନ ଏପରି ଏକ ସୂତ୍ର ଯାହା ସମର୍ଥ ଓ ଅସମର୍ଥ, ସମ୍ପନ୍ନ ଓ ଅଭାବୀ - ଏ ଉଭୟ ବ୍ୟକ୍ତିଙ୍କୁ ପରସ୍ପର ସହ ଯୋଡ଼ିଥାଏ । ମଣିଷସମାଜକୁ ବ୍ୟବସ୍ଥିତ, ଉତ୍କୃଷ୍ଟ କରିବା ପାଇଁ ଏହାର ଅତ୍ୟନ୍ତ ଆବଶ୍ୟକତା ଅଛି । ଦାନୀ ବ୍ୟକ୍ତିମାନେ ଦୀନ-ଦରିଦ୍ର, ଦୁଃଖୀ-ରଙ୍କୀ, ଅନାଥ-ଅସହାୟଙ୍କୁ ବ୍ୟକ୍ତିଗତ ରୂପେ ଦାନ ଦେବା ଦ୍ୱାରା ଅଶକ୍ତ-ଅସମର୍ଥଙ୍କୁ ବ୍ୟକ୍ତିଗତ ରୂପେ ତ ସହଯୋଗ ମିଳେ; ତା' ସାଙ୍ଗକୁ ଜନସମୂହଙ୍କ କଲ୍ୟାଣ ନିମନ୍ତେ ବିଦ୍ୟାଳୟ, ଗୁରୁକୁଳ, ଚିକିତ୍ସାଳୟ, ଅନାଥାଶ୍ରମ, ଗୋଶାଳା ଆଦି ତିଆରି କରିବା ଓ ପରିଚାଳନା ନିମନ୍ତେ ଅନୁଦାନ ଯୋଗାଇବା, କୂଅ-ପୋଖରୀ-ଧର୍ମଶାଳା ଆଦି ତିଆରି କରିବା, ବନ୍ୟା-ବାତ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ସମୟରେ ସାମୂହିକ କଲ୍ୟାଣକର କାର୍ଯ୍ୟରେ ସହଯୋଗ ଦେବା ଆଦି ଧାର୍ମିକ, ସାମାଜିକ ଓ ଶୈକ୍ଷଣିକ ଜନହିତକର କାର୍ଯ୍ୟ କରିବା ଦ୍ୱାରା ସମାଜର ବ୍ୟାପକ ରୂପେ ପ୍ରଭୂତ ହିତ ସାଧିତ ହୋଇଥାଏ ।

ବେଦରେ କୁହାଯାଇଛି—

**ପୃଣୀୟାଦିନ୍ନାଧମାନାୟ ତବ୍ୟାନ୍ ଦ୍ରାଘୀୟାଂସମନୁ ପଶ୍ୟେତ ପନ୍ଥାମ୍ । ଓ ହି ବର୍ତ୍ତନ୍ତେ ରଥ୍ୟେବ ଚକ୍ରାନ୍ୟମନ୍ୟମୁପ ତିଷ୍ଠନ୍ତ ରାୟଃ ॥**

(ଋକ୍. ୧୦:୧୧୭:୫)

ଧନସମ୍ପନ୍ନ ବ୍ୟକ୍ତି ଦୀନ-ଦରିଦ୍ର, ଗରିବ-ଅସହାୟଙ୍କୁ ଅବଶ୍ୟ ସାହାଯ୍ୟ-ସହଯୋଗ କରିବା ଉଚିତ । ସିଏ ଦୂରଦୃଷ୍ଟିପୂର୍ବକ ଜୀବନକୁ ପରିଶୀଳନ କରିବା ଉଚିତ ତଥା ଉଦାର ଚିତ୍ତରେ କାମ କରିବା ବାଞ୍ଛନୀୟ । କାରଣ ସୁଖ-ଦୁଃଖ, ସମ୍ପତ୍ତି-ବିପତ୍ତି ସମସ୍ତଙ୍କ ଜୀବନରେ ଆସିଥାଏ । ଧନ-ସମ୍ପତ୍ତି ସର୍ବଦା ଆମ ପାଖରେ ରହିବ ବୋଲି ମନେ କରିବା ଉଚିତ ନୁହେଁ କି ଏହାକୁ ନେଇ ଗର୍ବ କରିବା ଉଚିତ ନୁହେଁ । ଧନ-ସମ୍ପତ୍ତି ତ ରଥ-ଚକ୍ର ସଦୃଶ ଘୂରି ବୁଲୁଥାଏ; ଆଜି ଯା ପାଖରେ ତ କାଲି ତା ପାଖରେ ଥାଏ ।

ତୈତ୍ତିରୀୟ ଉପନିଷଦରେ ମହର୍ଷି ଦୀକ୍ଷାନ୍ତ ସମୟରେ ସ୍ନାତକକୁ କେତେକ ସଂସାରୋପଯୋଗୀ ଉପଦେଶ ଦେଇଛନ୍ତି । ସେ ସ୍ନାତକକୁ କହିଛନ୍ତି—

**ଶ୍ରଦ୍ଧୟା ଦେୟମ୍ । ଅଶ୍ରଦ୍ଧୟା ଦେୟମ୍ । ଶ୍ରିୟା ଦେୟମ୍ । ହ୍ରିୟା ଦେୟମ୍ । ଭିୟା ଦେୟମ୍ । ସଂବିଦା ଦେୟମ୍ ॥ ୩ ॥** (ତୈତ୍ତିରୀୟ. ୧:୧୧)

ମଣିଷ ଶ୍ରଦ୍ଧାପୂର୍ବକ ଦାନ ଦେବା ଉଚିତ । ମନରେ ଶ୍ରଦ୍ଧା ନ ଥିଲେ ବି ଦାନ କରିବା ଉଚିତ । ସମ୍ପନ୍ନତା ସ୍ଥିତିରେ, ପ୍ରଶଂସା କାମନାରେ, ଶୋଭା-ଆଡ଼ମ୍ବର ପ୍ରଦର୍ଶନ କରିବା ନିମିତ୍ତ ହେଉ ପଛକେ ଦାନ ଦେବା ଉଚିତ । ଲୋକଲଜ୍ଜା ଦୃଷ୍ଟିରୁ ବି ଦେବା ଉଚିତ । ଭୟରେ ବି ଦେବା ଉଚିତ । ପ୍ରେମପରବଶ ହୋଇ, ପ୍ରତିଜ୍ଞା ପାଳନାର୍ଥେ ଦେବା ଉଚିତ ।

ଏତେ ପ୍ରକାରେ ଦେବା ପାଇଁ କହିବାର ମହର୍ଷିଙ୍କ ଅଭିପ୍ରାୟ ହେଲା ଯେ ମଣିଷ ଯେକୌଣସି ପ୍ରକାରେ ହେଉ ପଛକେ ଦାନ ଦେବା ଉଚିତ, ତା' ଭିତରେ ଦାନର ପ୍ରବୃତ୍ତି ରହିବା ଓ ବଢ଼ିବା ଉଚିତ । ବ୍ୟକ୍ତି ଓ ସମାଜର ଉତ୍‌ଥାନ ପାଇଁ ଦାନଶୀଳତା ଏକାନ୍ତ ଅପରିହାର୍ଯ୍ୟ ।

ମହାଭାରତରେ ବିଦୁର କହିଛନ୍ତି—

**ଦ୍ୱାବିମୌ ପୁରୁଷୌ ରାଜନ୍ ସ୍ୱର୍ଗସ୍ୟୋପରି ତିଷ୍ଠତଃ । ପ୍ରଭୁଶ୍ଚ କ୍ଷମୟା ଯୁକ୍ତୋ ଦରିଦ୍ରଶ୍ଚ ପ୍ରଦାନବାନ୍ ॥**

(ବିଦୁର ନୀତି. ୧:୫୬)

ହେ ରାଜନ୍ ! ଦୁଇ ପ୍ରକାର ବ୍ୟକ୍ତି ସ୍ୱର୍ଗରେ ରହନ୍ତି ଅର୍ଥାତ୍ ଅତିଶୟ ଆନନ୍ଦ ଲାଭ କରନ୍ତି, ଆତ୍ମୋତ୍‌ଥାନ ପ୍ରାପ୍ତ ହୋଇଥାନ୍ତି— ୧. ସାମର୍ଥ୍ୟବାନ୍ ହୋଇ ମଧ୍ୟ ଯିଏ କ୍ଷମାଶୀଳ ଓ ୨. ଦରିଦ୍ର ହୋଇ ମଧ୍ୟ ଯିଏ ଯଥାଶକ୍ତି ଦାନ ଦେଇଥାଏ ।

ଶାସ୍ତ୍ରରେ ଧନର ୩ଟି ଗତି ବିଷୟ କୁହାଯାଇ ଦାନର ମହତ୍ତ୍ୱ ପ୍ରକାଶ କରାଯାଇଛି—

**ଦାନଂ ଭୋଗୋ ନାଶସ୍ତିସ୍ରୋ ଗତୟୋ ଭବନ୍ତି ବିତ୍ତସ୍ୟ । ଯୋ ନ ଦଦାତି ନ ଭୁଙ୍‌କ୍ତେ ତସ୍ୟ ତୃତୀୟା ଗତିର୍ଭବତି ॥** (ନୀତିଶତକ. ୪୨)

ଦାନ, ଭୋଗ ଓ ନାଶ- ଏ ୩ଟି ଧନର ଗତି । ଯିଏ ଅନ୍ୟକୁ ଦିଏ ନାହିଁ, ନିଜେ ଭୋଗ(ଉପଯୋଗ) କରେ ନାହିଁ, ତା'ର ଧନର ତୃତୀୟ ଗତି ହୋଇଥାଏ ଅର୍ଥାତ୍ ତା'ର ଧନ ନଷ୍ଟ ହୋଇଯାଏ । ଏଣୁ ତ ସରଳ ଭାବେ କୁହାଯାଇଛି— 'ଯାହା ଦେଇଥିବ ବାଟକୁ, ଯାହା ଖାଇଥିବ ପେଟକୁ, ଯାହା ଥୋଇଥିବ ଖଣ୍ଟକୁ ।' ଅର୍ଥର ସର୍ବୋତ୍କୃଷ୍ଟ ସଦ୍‌ବିନିଯୋଗ ହେଲା ଦାନ ।

**ଦାନେନ ପ୍ରାପ୍ୟତେ ସ୍ୱର୍ଗୋ ଦାନେନ ସୁଖମଶ୍ନୁତେ ।**
**ଇହାମୁତ୍ର ଚ ଦାନେନ ପୂଜ୍ୟୋ ଭବତି ମାନବଃ ॥**

ଦାନ ଦ୍ୱାରା ସ୍ୱର୍ଗ (ସୁଖ ବିଶେଷ) ପ୍ରାପ୍ତ କରାଯାଏ, ଦାନ ଦ୍ୱାରା ସୁଖ-ସନ୍ତୋଷ ମିଳେ । ଦାନ କାରଣରୁ ହିଁ ମଣିଷ ଇହଲୋକ ଓ ପରଲୋକରେ ପୂଜ୍ୟ ହୋଇଥାଏ ।

**ଦାନେନ ଭୂତାନି ବଶୀ ଭବନ୍ତି**
**ଦାନେନ ବୈରାଣ୍ୟପି ଯାନ୍ତି ନାଶମ୍ ।**
**ପରୋଽପି ବନ୍ଧୁତ୍ୱମୁପୈତି ଦାନୈ-**
**ର୍ଦାନଂ ହି ସର୍ବବ୍ୟସନାନି ହନ୍ତି ॥**

ଦାନ ଦ୍ୱାରା ସବୁ ପ୍ରାଣୀ ବଶୀଭୂତ ହୋଇଥାନ୍ତି । ଦାନ ଦ୍ୱାରା ସବୁ ଶତ୍ରୁତା ସମାପ୍ତ ହୋଇଥାଏ । ଦାନ କାରଣରୁ ପର ମଧ୍ୟ ଆପଣାର ହୋଇଯାଏ । ଦାନ ହିଁ ସବୁ ପ୍ରକାର ବ୍ୟସନକୁ ନଷ୍ଟ କରିଦିଏ ଅର୍ଥାତ୍ ଦାନଶୀଳ ବ୍ୟକ୍ତି ଦୁର୍ବ୍ୟସନରେ ଅର୍ଥର ଦୁରୁପଯୋଗ କରେ ନାହିଁ । କାରଣ ସମାଜରେ ଏତେ କ୍ଷେତ୍ରରେ ଏତେ ଆବଶ୍ୟକତା ଅଛି ଯେ ସେସବୁ ପୂରଣ କରିବା ନିମିତ୍ତ ଦାନ ଦେବା ପାଇଁ ତା' ଅର୍ଥ ପର୍ଯ୍ୟାପ୍ତ ନୁହେଁ । ଦାନଶୀଳ ନ ହେଲେ ବ୍ୟକ୍ତି ଏକ ସାମାନ୍ୟ ଆବଶ୍ୟକତା ଠାରୁ ଅଧିକ ଅର୍ଥକୁ ଯା ତ ଭୋଗ, ଦୁର୍ବ୍ୟସନରେ ଦୁରୁପଯୋଗ କରେ ଅଥବା କୃପଣ ହୋଇ ସଞ୍ଚି-ସଞ୍ଚି ମରିଯାଏ । କୃପଣତାର ସଂସ୍କାର ନେଇ ସଂସାରରୁ ଯାଏ ।

ଦାତା ଆଡ଼କୁ ଆକର୍ଷିତ ହେବା ପ୍ରତ୍ୟେକ ପ୍ରାଣୀର ଜୀବନରେ ପ୍ରକଟ ହୋଇଥାଏ । କୁକୁରକୁ କେବେ-କେମିତି ରୁଟି ଖଣ୍ଡିଏ ଦେଇଥିଲେ ସିଏ ବି ଆମକୁ ଦେଖିଲେ ଲାଞ୍ଜ ହଲାଏ, ଆମର ଅନୁଗମନ କରେ । କୌଣସି ଛୁଆକୁ ତା' ପସନ୍ଦର କିଛି ଖାଦ୍ୟ-ଖେଳନା ଆଦି ଦେଲେ ସିଏ ବି ଆମ ପାଖକୁ ଆସିଯାଏ । ବ୍ୟକ୍ତି ସହ ବ୍ୟକ୍ତିକୁ ଯୋଡ଼ିବା, ସଂଗଠନ କରିବା ନିମିତ୍ତ ଦେବାର ଗୁଣ ରହିବା ଆବଶ୍ୟକ ।

**ଗୌରବଂ ପ୍ରାପ୍ୟତେ ଦାନାନ୍ନ ତୁ ବିତ୍ତସ୍ୟ ସଞ୍ଚୟାତ୍ ।**
**ସ୍ଥିତିରୁଚ୍ଚୈଃ ପୟୋଦାନାଂ ପୟୋଧୀନାମଧଃ ସ୍ଥିତି ॥**

ଦାନ କରିବା ଦ୍ୱାରା ମଣିଷକୁ ଗୌରବ ପ୍ରାପ୍ତ ହୋଇଥାଏ, କୃପଣ ହୋଇ କେବଳ ଧନ ସଞ୍ଚି ରଖିବା ଦ୍ୱାରା ନୁହେଁ । ଜଳ ଦାନକାରୀ ମେଘ ସଦା ଉପରେ ବିରାଜମାନ ଓ ଜଳ ସଞ୍ଚୟକାରୀ ସମୁଦ୍ର ସଦା ତଳେ ପୃଥିବୀରେ ଅବସ୍ଥିତ ।

**ସାର୍ଥଃ ପ୍ରବସତୋ ମିତ୍ରଂ ଭାର୍ଯ୍ୟା ମିତ୍ରଂ ଗୃହେ ସତଃ ।**
**ଆତୁରସ୍ୟ ଭିଷଙ୍ ମିତ୍ରଂ ଦାନଂ ମିତ୍ରଂ ମରିଷ୍ୟତଃ ॥**

ସାର୍ଥ ଅର୍ଥାତ୍ ଯାତ୍ରୀଦଳ ହିଁ ଦୂରରେ ରହୁଥିବା, ପ୍ରବାସ କରୁଥିବା ଲୋକର ମିତ୍ର । ଗୃହରେ ଅବସ୍ଥାନ କରୁଥିବା ଲୋକର ମିତ୍ର ହେଲା ତା'ର ପତ୍ନୀ । ରୋଗୀର ମିତ୍ର ହେଲା ଚିକିତ୍ସକ ଏବଂ ମୃତ ବ୍ୟକ୍ତିର ମିତ୍ର ହେଲା ସିଏ ଜୀବିତାବସ୍ଥାରେ ଦେଇଥିବା ଦାନ ।

ଭର୍ତ୍ତୃହରି କହିଛନ୍ତି — **'ଦାନେନ ପାଣିର୍ନ ତୁ କଙ୍କଣେନ'** (ନୀତି. ୬୨) — ଦାନ ଦେବା ଦ୍ୱାରା ବାସ୍ତବରେ ହାତର ଶୋଭା ବଢ଼ିଥାଏ, ବହୁମୂଲ୍ୟ କଙ୍କଣ ପିନ୍ଧିବା ଦ୍ୱାରା ନୁହେଁ । ଦାନ ହିଁ ହସ୍ତର ଭୂଷଣ — **'ହସ୍ତସ୍ୟ ଭୂଷଣଂ ଦାନମ୍'**(ସୁଭାଷିତରତ୍ନଭାଣ୍ଡାଗାରମ୍. ୧୫୯:୨୯୧) ।

ଏହିଭଳି ଭାବେ ଶାସ୍ତ୍ରରେ ଦାନର ବହୁତ ମହିମା ବର୍ଣ୍ଣନା କରାଯାଇଛି । ଯେଉଁ ଦାନର ଏତେ ମହିମା ସେହି ଦାନ କାର୍ଯ୍ୟକୁ ଓ ଦାନ ଦେବାର ଭାବନାକୁ ଆପଣେଇଥିବା ଦାନଶୀଳ ବ୍ୟକ୍ତିର କେତେ ମହିମା ନ ହୋଇଥିବ ? ଜଣକ ପାଖରେ ପ୍ରଭୂତ ଧନ ଥିଲେ ତା' ଭିତରେ ଯେ ଦାନ ଦେବାର ଭାବନା ବି ରହିବ, ସେମିତି କିଛି ନିଶ୍ଚିତ ନିୟମ

ନାହିଁ । ପ୍ରାୟତଃ ଦେଖାଯାଏ ଯେ ଅଧିକ ଧନ ଥିବା ଲୋକ ପାଖରେ ଲୋଭ ମଧ୍ୟ ପ୍ରବଳ ଥାଏ, ଦାନ ଦେବାର ପ୍ରବୃତ୍ତି କମ୍ । ଆଉ ଯାହା ପାଖରେ ଦାନ ଦେବାର ଭାବନା ଥାଏ ତା' ପାଖରେ ପ୍ରାୟତଃ ଧନର ଅଭାବ । ଧନ ବି ଅଧିକ ଥିବ ଏବଂ ତା' ସାଙ୍ଗକୁ ଦାନ ଦେବାର ଭାବନା ବି ପ୍ରବଳ ଥିବ ଏପରି କମ୍ କ୍ଷେତ୍ରରେ ଦେଖାଯାଏ । ଅତଃ ଧନଶାଳୀ ହେବା ଓ ଦାନଶୀଳ ହେବା, ଧନ ଓ ଦାନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ପୂର୍ବ ପୁଣ୍ୟ, ଉତ୍ତମ କର୍ମ ଓ ସଂସ୍କାରର ପରିଣାମ । ଧନଶାଳୀ ହେବା ସହ ଉଦାରଚିତ୍ତ ଦାତା ହେବା ବଡ଼ ପୁଣ୍ୟର କଥା । ଏପରି ଦାନଶୀଳ ବ୍ୟକ୍ତିଙ୍କ ସଙ୍ଗ କରିବାକୁ ବେଦରେ ଉପଦେଶ ଦିଆଯାଇଛି ।

ଦାନଶୀଳତାର ସଂସ୍କାର ଶୈଶବରୁ ମାତା-ପିତାଙ୍କ ଠାରୁ, ପରିବାରରୁ ମିଳିବାକୁ ଲାଗେ । ପିଲାଙ୍କ ଭିତରେ ଦାନର ସଂସ୍କାର ପକାଇବା ପାଇଁ ମାତା-ପିତା ଛୋଟ ସମୟରୁ ଯୋଜନାବଦ୍ଧ ପ୍ରୟାସ କରିବା ଉଚିତ । ଦାତବ୍ୟ ଅନୁଷ୍ଠାନର ଦାନ-ପାତ୍ରରେ ପିଲାଙ୍କ ହାତରେ ପଇସା ପକାଇବା, ଗରିବ-ଦରିଦ୍ର-ଅସହାୟଙ୍କୁ ଅନ୍ନ-ବସ୍ତ୍ର-ଅର୍ଥ ଆଦି ସାହାଯ୍ୟ-ସହଯୋଗ ପିଲାଙ୍କ ହାତରେ କରାଇବା, ଗୃହକୁ ସାଧୁ-ସନ୍ଥ-ମହାତ୍ମା ଆଦି ଆସିଲେ ପିଲାଙ୍କ ହାତରେ ତାଙ୍କୁ ଦାନ-ଦକ୍ଷିଣା ଆଦି ଦିଆଇବା, ପିଲାଙ୍କ ଜନ୍ମଦିନ ଆଦିରେ ଫିଜୁଲ ଖର୍ଚ୍ଚ ନ କରି ସେ ଅର୍ଥ କୌଣସି ମହତ୍ କାର୍ଯ୍ୟ ନିମନ୍ତେ ସେମାନଙ୍କ ହାତରେ ଦିଆଇବା, **'ଏକଃ ସ୍ୱାଦୁ ନ ଭୁଞ୍ଜୀତ'** (ମହା. ଉଦ୍ୟୋଗ. ୩୩:୪୬) — କୌଣସି ସ୍ୱାଦିଷ୍ଟ, ସୁନ୍ଦର ଖାଦ୍ୟ ଏକାକୀ ନ ଖାଇ ଅନ୍ୟମାନଙ୍କୁ ମଧ୍ୟ ଦେଇ, ମିଳିମିଶି ବାଣ୍ଟିକୁଣ୍ଟି ଖାଇବାର ଶିକ୍ଷା ଦେବା, ପିଲାଙ୍କୁ ଅନାଥାଶ୍ରମ ଆଦି ସ୍ଥାନକୁ ନେଇ ସେଠାକାର ଅନ୍ତେବାସୀଙ୍କ ସହ ଭୋଜନ କରାଇବା ଇତ୍ୟାଦି ଦ୍ୱାରା ପିଲାମାନଙ୍କ ଭିତରେ ବାଲ୍ୟାବସ୍ଥାରୁ ହିଁ ଦେବାର ସ୍ୱଭାବ ପଡ଼େ ଓ ବଢ଼େ । ବ୍ୟକ୍ତି ଯେଉଁଭଳି ଲୋକଙ୍କ ସହ ସାଙ୍ଗ ହୁଏ ତା'ର ଗୁଣ-କର୍ମ-ସ୍ୱଭାବ ମଧ୍ୟ ଧୀରେ-ଧୀରେ ସେପରି ହେବାକୁ ଲାଗେ । ଏଣୁ ବେଦ କହେ ମଣିଷ ସର୍ବଦା କାମନା କରିବା ଉଚିତ — **'ଦଦତା ସଂ ଗମେମହି'** — ଆମେ ଦାନଶୀଳ ବ୍ୟକ୍ତିଙ୍କ ସହ ସଦା ସଙ୍ଗ କରୁ । କାରଣ ସେମାନେ ନିଜେ ତ ଦାନ ଦେଇଥାନ୍ତି ଓ ଅନ୍ୟକୁ ମଧ୍ୟ ଦାନ ଦେବାର ପ୍ରେରଣା, ପ୍ରୋତ୍ସାହନ ଦେଇଥାନ୍ତି ।

ଦାନର ଅର୍ଥ କେବଳ ଧନ-ସମ୍ପତ୍ତି, ଟଙ୍କା-ପଇସାର ଦାନ ହିଁ ନୁହେଁ । ସଂସାର କଲ୍ୟାଣ ପାଇଁ କେବଳ ଅର୍ଥ ହିଁ ସବୁକିଛି ନୁହେଁ । ସମାଜରେ ବିବିଧ ଆବଶ୍ୟକତା ଅଛି । ସେ ଆବଶ୍ୟକତା ମଧ୍ୟରୁ ଯାହା ଆମ ପାଖରେ ଅଛି ଆମେ ତାହା ଦାନ ଦେଇପାରିବା । ଯଦି ଆମେ ଧନବାନ୍ ତେବେ ଧନ ଦାନ କରିପାରିବା । ଯଦି ଶାରୀରିକ ଶକ୍ତି ସମ୍ପନ୍ନ, ତେବେ ଶ୍ରମ-ଶକ୍ତି ବି ଦାନ ଦେଇପାରିବା । ଯଦି କୌଣସି ସଂଗଠନର ଆବଶ୍ୟକତା ଅନୁରୂପ କୌଣସି କାର୍ଯ୍ୟଦକ୍ଷତା ଆମ ପାଖରେ ଅଛି ତେବେ ସମୟଦାନ ଦେଇପାରିବା ।

ଏଭଳି ଦାନଶୀଳ ମହାନୁଭବଙ୍କ ସଂସର୍ଗରେ ଆମ ଭିତରେ ମଧ୍ୟ ଦୀନ-ଦୁଃଖୀଙ୍କ ଉପରେ ଦୟା କରିବା, ସେମାନଙ୍କ ଦୁଃଖ ଦୂର କରିବା; ଜନହିତ, ସମାଜକଲ୍ୟାଣ, ରାଷ୍ଟ୍ରହିତ ତଥା ବିଶ୍ୱହିତରେ କିଛି ଦେବା, କିଛି କରିବାର ଶୁଭ ସଂସ୍କାର ଉତ୍ପନ୍ନ ହେବ ଯାହାର ପରିଣାମସ୍ୱରୂପ ଆମେ ଦୟା, ଦାନ ରୂପକ କଲ୍ୟାଣମୟ ପଥରେ ସହଜରେ ଯାତ୍ରା କରିପାରିବା । ଆଉ ଯଦି ଏହାର ବିପରୀତରେ ଆମେ ଅଦାତା, କୃପଣ, ଭୋଗୀ, ସ୍ୱାର୍ଥୀ ଲୋକଙ୍କ ସଙ୍ଗ କରିବା ତେବେ ନିଃସନ୍ଦେହରେ ଆମେ ଅକଲ୍ୟାଣମୟ ପଥର ପଥିକ ହୋଇଯିବା ।

**ଖ. ଅଘ୍ନତା ସଂ ଗମେମହି** — ଆମେ ଅହିଂସକ ବ୍ୟକ୍ତିଙ୍କ ସଙ୍ଗ କରୁ । ବୈଦିକ ଗ୍ରନ୍ଥରେ ଅହିଂସାର ବହୁତ ମହିମା ବର୍ଣ୍ଣନା କରାଯାଇଛି । ହିଂସା କ'ଣ ? ଅନ୍ୟାୟପୂର୍ବକ ଅନ୍ୟକୁ ଦୁଃଖ ଦେବା; ଅନ୍ୟର ହିତରେ, କାର୍ଯ୍ୟରେ ଅନ୍ୟାୟପୂର୍ବକ ବାଧା-ପ୍ରତିବନ୍ଧକ ଉତ୍ପନ୍ନ କରିବା ହେଲା ହିଂସା । ଆମେ ଚାହିଁ ନ ଥାଉ ଯେ ଆମକୁ କେହି ଦୁଃଖ ଦେଉ, ଆମ ରାସ୍ତାରେ କେହି ପ୍ରତିବନ୍ଧକ ହେଉ, ଆମ ପ୍ରଗତିରେ କେହି ବାଧକ ହେଉ । ବାଧା-ପ୍ରତିବନ୍ଧକ ଦ୍ୱାରା

ଆମକୁ ଦୁଃଖ ଲାଗିଥାଏ । ଅହିଂସାର ଅର୍ଥ 'ଅନଭିଦ୍ରୋହ' । ଅନ୍ୟାୟପୂର୍ବକ କାହାକୁ ଦୁଃଖ ନ ଦେବା, କାହାର ପ୍ରଗତିରେ ପ୍ରତିବନ୍ଧକ ନ ହେବା ହେଲା ଅହିଂସା । ଅହିଂସା ୩ ପ୍ରକାର ବୋଲି ଶାସ୍ତ୍ରରେ କୁହାଯାଇଛି— ଶାରୀରିକ, ବାଚିକ ଓ ମାନସିକ । ଶରୀର ଦ୍ୱାରା କାହାକୁ କଷ୍ଟ, ପୀଡ଼ା ନ ଦେବା ଶାରୀରିକ ଅହିଂସା । ବାଣୀ ଦ୍ୱାରା କାହାକୁ ଅଯଥା କଷ୍ଟ ନ ଦେବା ବାଚିକ ଅହିଂସା । ମନ ଦ୍ୱାରା ଅନ୍ୟାୟପୂର୍ବକ କାହାର ହାନିର କାମନା-ଯୋଜନା, କାହାକୁ କଷ୍ଟ ଦେବାର ଯୋଜନା-କାମନା ନ କରିବା ମାନସିକ ଅହିଂସା । ଏହିଭଳି କାୟ-ମନୋ-ବାକ୍ୟରେ ଅହିଂସାର ଆଚରଣ କରିବାର ଉପଦେଶ ଶାସ୍ତ୍ରରେ ଦିଆଯାଇଛି ।

ବିଶ୍ୱବନ୍ଧୁତ୍ୱ ନିମିତ୍ତ ଅହିଂସା ପରମ ଆବଶ୍ୟକ ଗୁଣ । ହିଂସକଠାରୁ ସମସ୍ତେ ଦୂରେଇ ରହନ୍ତି । କିନ୍ତୁ ଅହିଂସକକୁ ସମସ୍ତେ ଆଦର କରନ୍ତି । ଯିଏ ଅହିଂସା ଆଚରଣର ଅଭ୍ୟାସ କରେ ସିଏ ଶନୈଃଶନୈଃ ଦୟାଳୁ ହୋଇଯାଏ । ତା' ମନରେ କରୁଣାର ସାଗର ଲହଡ଼ି ଭାଙ୍ଗିବାକୁ ଲାଗେ । ସିଏ ଅନ୍ୟର ପୀଡ଼ାକୁ ନିଜ ଦୁଃଖ ବୋଲି ମନେକରେ । ତେଣୁ ଧୀରେ-ଧୀରେ ସେ ଆଉ କାହା ସହ ହିଂସାପୂର୍ଣ୍ଣ ବ୍ୟବହାର କରିପାରେ ନାହିଁ । ଏପରି ଅହିଂସକ ବ୍ୟକ୍ତିଙ୍କ ସଂଗତିରେ ରହିବା ବ୍ୟକ୍ତି ମଧ୍ୟ ଧୀରେ ଧୀରେ ପ୍ରେମ ଭାବନାରେ ପରିପୂର୍ଣ୍ଣ ହୋଇଯାଏ । ତା' ମନରେ ସ୍ନେହ ଓ ଆର୍ଦ୍ରତାର ସମାବେଶ ହୋଇଯାଏ ।

ଆମେ ଯଦି ହିଂସକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ରହିବା ତେବେ ସେମାନଙ୍କ ସେହି ସ୍ୱଭାବ ଯୋଗୁଁ ଆମେ ସ୍ୱାଭାବିକ ରୂପେ ଦୁଃଖ ପାଇବା । ଗୋଟିଏ ସ୍ଥାନରେ କଦଳୀ ଗଛ ପାଖରେ କଣ୍ଟା ଗଛଟିଏ ଉଠିଲା, ବଢ଼ିଲା । ସେ କଣ୍ଟା ଗଛ ଜାଣି-ବୁଝି କଦଳୀ ଗଛର ଅନିଷ୍ଟ କରିବାକୁ ଚାହେଁ ନାହିଁ । କିନ୍ତୁ ପବନ ବହିଲେ କଦଳୀ ପତ୍ର ହଲେ ଓ ପାଖରେ ଥିବା କଣ୍ଟା ଗଛରେ ବାଜି ପତ୍ର ଫାଟିଯାଏ । କଣ୍ଟାଗଛ ଭଳି ଲୋକଙ୍କଠାରୁ ଆମେ ଯେତେ ଦୂରରେ ରହିବା ସେତିକି କଲ୍ୟାଣ, ନଚେତ୍ ପ୍ରତି ମୁହୂର୍ତ୍ତରେ କ୍ଷତ-ବିକ୍ଷତ ହେବା ।

**ଗ. ଜାନତା ସଂ ଗମେମହି —** ଆମେ ଜ୍ଞାନୀ, ବିଚାରଶୀଳ ବ୍ୟକ୍ତିଙ୍କ ସଙ୍ଗ କରୁ । ଆମେ ଜ୍ଞାନୀଙ୍କ ସଙ୍ଗ କାହିଁକି କରିବା ? ଏଇଥିପାଇଁ କରିବା ଯେହେତୁ କି ଜ୍ଞାନୀଙ୍କ ସଙ୍ଗରୁ ଆମକୁ ଜ୍ଞାନ ପ୍ରାପ୍ତ ହେବ । ସମସ୍ତ ଦୁଃଖର କାରଣ ହେଲା ଅଜ୍ଞାନ, ଅବିଦ୍ୟା । ମାୟାଧର ମାନସିଂହଙ୍କ ଭାଷାରେ— 'ଅଜ୍ଞତା ହିଁ ଦୁଃଖ ହୋଇ ଆସେ ନାନା ବେଶେ' (ପାନ୍ଥ-ଗାଥା) । ଅବିଦ୍ୟା କାରଣରୁ ହିଁ ଜନ୍ମ-ମରଣ ବନ୍ଧନ **— 'ବନ୍ଧୋ ବିପର୍ୟୟାତ୍'** (ସାଂଖ୍ୟ. ୩:୨୪) । ଜ୍ଞାନ ସମସ୍ତ ଦୁଃଖରୁ ମୁକ୍ତି ଦିଏ **— 'ଜ୍ଞାନାନ୍ମୁକ୍ତିଃ'** (ସାଂଖ୍ୟ. ୩:୨୩) । ବିବେକଜ୍ଞାନ ହେବା ଦ୍ୱାରା ହିଁ ସମସ୍ତ ପ୍ରକାର ଦୁଃଖର ଆତ୍ୟନ୍ତିକ ନିବୃତ୍ତି ହୋଇ ଜୀବାତ୍ମା କୃତକୃତ୍ୟ ହୋଇପାରିଥାଏ, ଅନ୍ୟ କୌଣସି ଉପାୟରେ ନୁହେଁ — **'ବିବେକାନ୍ନିଃଶେଷଦୁଃଖନିବୃତ୍ତୌ କୃତକୃତ୍ୟତା ନେତରାନ୍ନେତରାତ୍'** (ସାଂଖ୍ୟ. ୩:୮୪) ।

ବିଦ୍ୟା ବା ଜ୍ଞାନର ବିଶେଷ ଅର୍ଥ ହେଲା ଆତ୍ମବିଦ୍ୟା, ବ୍ରହ୍ମବିଦ୍ୟା, ସମାଧି ଦ୍ୱାରା ଜଡ଼ ଓ ଚେତନର ସାକ୍ଷାତ୍କାର, ଜ୍ଞାନ । ବିଦ୍ୟା ଓ ଜ୍ଞାନର ସାମାନ୍ୟ ଅର୍ଥ ହେଲା ସଂସାର, ସାମାଜିକ ବ୍ୟବହାର, ସାଂସାରିକ ପଦାର୍ଥ ସମ୍ବନ୍ଧୀୟ ଜ୍ଞାନ-ବିଜ୍ଞାନ । ଏ ଉଭୟ ଜ୍ଞାନ ଆମ ପାଇଁ ଆବଶ୍ୟକ । ତଦ୍ଦ୍ୱାରା ହିଁ ଆମ ଲୌକିକ ଓ ଆଧ୍ୟାତ୍ମିକ ଉଭୟ କଲ୍ୟାଣ ସାଧିତ ହୋଇଥାଏ । ଏଣୁ ବିଦ୍ୟା ବା ଜ୍ଞାନକୁ ଶ୍ରେଷ୍ଠ ସମ୍ପଦ କୁହାଯାଏ ।

**ବିଦ୍ୟା ନାମ ନରସ୍ୟ ରୂପମଧିକଂ**
**ପ୍ରଚ୍ଛନ୍ନଗୁପ୍ତଂ ଧନଂ**
**ବିଦ୍ୟା ଭୋଗକରୀ ୟଶଃସୁଖକରୀ**
**ବିଦ୍ୟା ଗୁରୂଣାଂ ଗୁରୁଃ ।**
**ବିଦ୍ୟା ବନ୍ଧୁଜନୋ ବିଦେଶଗମନେ**
**ବିଦ୍ୟା ପରା ଦେବତା**
**ବିଦ୍ୟା ରାଜସୁ ପୂଜ୍ୟତେ ନ ତୁ ଧନଂ**
**ବିଦ୍ୟାବିହୀନଃ ପଶୁଃ ॥**

(ନୀତିଶତକ. ୧୯)

ବିଦ୍ୟା ହିଁ ମନୁଷ୍ୟର ଶୋଭା, ସୌନ୍ଦର୍ଯ୍ୟ ଏବଂ ସୁରକ୍ଷିତ, ଗୁପ୍ତ ଧନ । ବିଦ୍ୟା ହିଁ ଭୋଗ, ଯଶ ଓ ସୁଖ ପ୍ରଦାୟିତ୍ରୀ । ବିଦ୍ୟା ଗୁରୁଙ୍କର ମଧ୍ୟ ଗୁରୁ । ବିଦେଶରେ ବିଦ୍ୟା ହିଁ ବନ୍ଧୁ ସମ ସହାୟକ । ବିଦ୍ୟା ଶ୍ରେଷ୍ଠ ଦେବତା । ରାଜାଙ୍କ ଦ୍ୱାରା ବିଦ୍ୟାର ହିଁ ପୂଜା ହୋଇଥାଏ, ଧନର ନୁହେଁ । ବିଦ୍ୟାବିହୀନ ମନୁଷ୍ୟ ପଶୁ ତୁଲ୍ୟ ।

ଚାଣକ୍ୟ କହନ୍ତି — **'ବିଦ୍ୟା କାମଦୁଧା ଧେନୁଃ'** (ଚାଣକ୍ୟ. ୮:୧୪)— ବିଦ୍ୟା କାମଧେନୁ ଅଟେ । **'ନାସ୍ତି ଜ୍ଞାନାତ୍ ପରଂ ସୁଖମ୍'** (ଚାଣକ୍ୟ. ୫:୧୨) — ଜ୍ଞାନଠାରୁ ବଳି ସୁଖ ନାହିଁ ।

କେବଳ ଶାସ୍ତ୍ରାଧ୍ୟୟନ କରି ପୋଥିଗତ ବିଦ୍ୟା ଆୟତ୍ତ ଦ୍ୱାରା ପୂର୍ଣ୍ଣ କଲ୍ୟାଣ ସମ୍ଭବ ନୁହେଁ । ଶାସ୍ତ୍ରଜ୍ଞାନ ସହ ବିଚାରଶୀଳତା ବି ଆବଶ୍ୟକ, ଅନ୍ୟକୁ ବୁଝିପାରିବା ଶକ୍ତି ବି ଦରକାର । ଘରେ, ପରିବାରରେ, ସଂଗଠନରେ, ସମାଜରେ ଜଣେ ଅନ୍ୟକୁ ବୁଝିବା ପାଇଁ ଯତ୍ନ କରିବା ଆବଶ୍ୟକ । ଘର, ପରିବାର, କର୍ମକ୍ଷେତ୍ର, ସଂଗଠନ, ସମାଜ ସର୍ବତ୍ର ପ୍ରାୟ ୯୦% ସମସ୍ୟା, କଳହ ଜଣେ ଅନ୍ୟକୁ ନ ବୁଝି ପାରିବା କାରଣରୁ ହୋଇଥାଏ । ପତି-ପତ୍ନୀ ପରସ୍ପରକୁ ଭଲପାଇବାର ଭାବନା ରଖୁଥିଲେ ସୁଦ୍ଧା ଜଣେ ଅନ୍ୟର ଦୃଷ୍ଟିକୋଣ, ଅଭିପ୍ରାୟ ବୁଝିବାକୁ ସମୁଚିତ ପ୍ରଯତ୍ନ ନ କରିବାରୁ ଅଯଥା ବାକ୍-ବିତଣ୍ଡା, ମତାନ୍ତର-ମନାନ୍ତର, କଳି-କଜିଆ କରିଥାନ୍ତି, ଜଣେ ଅନ୍ୟର ଶତ୍ରୁ ପାଲଟି ଯାଇଥାନ୍ତି । ଜଣେ ଅନ୍ୟର କର୍ମ ପଛର ମନୋଭାବକୁ ନ ବୁଝିବା କାରଣରୁ ଅନେକ କ୍ଷେତ୍ରରେ ଭାଇ-ଭାଇ ଅନାବଶ୍ୟକ ଶତ୍ରୁତା ଆଚରଣ କରିଥାନ୍ତି । ପରସ୍ପର ମଧ୍ୟରେ ପତ୍ର ବ୍ୟବହାର କରୁଥିବା ବେଳେ ଭୁଲ୍ ବୁଝାମଣା ହେଲେ ଉଭୟେ ଆଜୀବନ ଶତ୍ରୁ ହୋଇଯାନ୍ତି । ଦୁଇ ଦେଶର ଶାସକ ଜଣେ ଅନ୍ୟର ଦୃଷ୍ଟିକୋଣ ନ ବୁଝିପାରିବାରେ ଘୋର ଯୁଦ୍ଧ ବି କରିବସନ୍ତି, ଯେଉଁଥିରେ କି ଲକ୍ଷ-ଲକ୍ଷ ନିରୀହ ମଣିଷଙ୍କ ଅଯଥା ଅକାଳ ମୃତ୍ୟୁ ଘଟିଥାଏ । ଧର୍ମ-ଧର୍ମ, ସମ୍ପ୍ରଦାୟ-ସମ୍ପ୍ରଦାୟ, ସଂଗଠନ-ସଂଗଠନ, ସମାଜ-ସମାଜ ମଧ୍ୟରେ ହେଉଥିବା ସଂଘର୍ଷର ମୂଳକୁ ଯାଇ ଯଦି ଅନୁଧ୍ୟାନ କରାଯାଏ ତେବେ ଜଣାଯିବ ଯେ ଜଣେ ଅନ୍ୟର ଦୃଷ୍ଟିକୋଣକୁ ନ ବୁଝିପାରିବା, ସେଥିପାଇଁ ପ୍ରଯତ୍ନ ନ କରିବା ହିଁ ଏସବୁ ଅନିଷ୍ଟର ମୂଳକାରଣ । ଅତଃ ବେଦର ଏ ମନ୍ତ୍ରାଂଶରେ ମଣିଷ ସମାଜକୁ ଉପଦେଶ ଦିଆଯାଇଛି ଯେ ଆମ ଭିତରେ ବିଚାରଶୀଳତା ରହୁ, ମାନବସମାଜକୁ ବନ୍ଧୁତା, ମିତ୍ରତାର ସୂତ୍ରରେ ସୁଦୃଢ଼ ରୂପେ ବାନ୍ଧିବା ନିମିତ୍ତ ଜଣେ ଅନ୍ୟର ଦୃଷ୍ଟିକୋଣ ବୁଝୁ । ଆଉ ଯଦି କୌଣସି ସ୍ଥାନରେ ବୈଚାରିକ ତ୍ରୁଟି ଥାଏ, ଜ୍ଞାନରେ ନ୍ୟୂନତା ଥାଏ ତାକୁ ମିଳିମିଶି ଦୂର କରୁ ।

ପ୍ରାୟତଃ ସଂସାରର ଲୋକେ ସେତେ ଖରାପ ହୋଇନଥାନ୍ତି ଯେତେ ଖରାପ ଭଳି ଆମକୁ ଲାଗିଥାଏ । ଅନେକ ସମୟରେ ଆମେ ନ ବୁଝି ନ ଶୁଝି ଅନେକଙ୍କୁ ଏକତରଫା ଭାବେ ଆମ ଶତ୍ରୁ ବୋଲି ବିବେଚନା କରିଥାଉ । ଏକଥା ବି ସମ୍ଭବ ହୋଇଥାଇପାରେ ଯେ ଦୁଇଜଣଙ୍କ ଭାବନା ମଧ୍ୟରେ କୌଣସି ପ୍ରଭେଦ ନ ଥିବ, କେବଳ ସେମାନଙ୍କ ଦୃଷ୍ଟିକୋଣ ଅଲଗା-ଅଲଗା ହୋଇଥାଇପାରେ । ଏଣୁ ପ୍ରକାଶର ଶୈଳୀ ଭିନ୍ନ ଥାଇପାରେ । ଏହି କଥାକୁ ସ୍ପଷ୍ଟ କରିବା ପାଇଁ ଅନ୍ଧଙ୍କ ହାତୀ ଦେଖା କଥାର ଅବତାରଣା କରାଯାଇଛି ।

୬ ଜଣ ଅନ୍ଧ ଥିଲେ । ସେମାନେ ହାତୀକୁ ଅନୁଭବ କଲେ ଓ ବର୍ଣ୍ଣନା କଲେ । ଜଣେ କହିଲା, 'ହାତୀ କୁଲା ଭଳି ଅଟେ ।' କାରଣ ସିଏ ହାତୀର କେବଳ କାନକୁ ଅଣ୍ଡାଳିଥିଲା । ଦ୍ୱିତୀୟ ଜଣକ କହିଲା, 'ହାତୀ ଖମ୍ବ ଭଳି ।' କାରଣ ସିଏ ହାତୀର କେବଳ ଗୋଡ଼କୁ ଧରିଥିଲା । ତୃତୀୟ ଜଣକ ହାତୀର କେବଳ ଶୁଣ୍ଢ ଅଣ୍ଡାଳିଲା । ଏଣୁ ସେ କହିଲା, 'ହାତୀ ଝୁଲୁଥିବା ଲମ୍ବା ମୋଟା ରସି ଭଳି ।' ଯିଏ ହାତୀର ପିଠି ଉପରେ ହାତ ବୁଲାଇଲା ସେ କହିଲା, 'ଭାଇ ତୁମେ ସବୁ ମିଥ୍ୟାବାଦୀ । ମୁଁ ସ୍ୱୟଂ ଅନୁଭବ କଲି ଯେ ହାତୀ ଏକ ସମତଳ ପଟା ଭଳି ।' ପଞ୍ଚମ ଜଣକ କହିଲା, 'ଅଯଥା କଥାଗୁଡ଼ିଏ କାହିଁକି ଗପୁଛ ? ହାତୀ କୌଣସି ବଡ଼ ଜନ୍ତୁ

ନୁହେଁ । ହାତେ-ଦେଢ଼ ହାତ ଲମ୍ବର ପତଳା ରସିଟିଏ ।' କାରଣ ସିଏ  ହାତୀର କେବଳ ଲାଞ୍ଜ ଧରିଥିଲା । ଷଷ୍ଠ ବ୍ୟକ୍ତି ଜଣକ ହାତୀର ଦାନ୍ତ ଅଣ୍ଡାଳି କହିଲା, 'ହାତୀ ଗୋଟିଏ କଠୋର ମୁନିଆ ପଦାର୍ଥ ।' ବର୍ତ୍ତମାନ  ଏହାକୁ ନେଇ ସେମାନଙ୍କ ମଧ୍ୟରେ ବାଦ-ବିବାଦ ଆରମ୍ଭ ହୋଇଗଲା । ପ୍ରତ୍ୟେକେ ନିଜ ଅନୁଭବକୁ ହିଁ ଏକମାତ୍ର ସତ୍ୟ ଓ ଅନ୍ୟମାନଙ୍କ କଥା ମିଥ୍ୟା ବୋଲି କହିବାକୁ ଲାଗିଲେ । ଜଣେ ଆଖିଥିବା ଲୋକ ସେମାନଙ୍କ ଏ କଳହ ଦେଖି ପାଖକୁ ଆସିଲେ ଏବଂ ପ୍ରତ୍ୟେକଙ୍କୁ ହାତୀର ଭିନ୍ନ-ଭିନ୍ନ ଅଙ୍ଗ ସ୍ପର୍ଶ କରାଇ ଅନ୍ୟମାନଙ୍କ କଥାର ବାସ୍ତବିକତା ବି ବୁଝାଇଲେ ।

ବର୍ତ୍ତମାନ ଏ କଥା ଉପରେ ବିଚାର କଲେ ଆମକୁ ଜଣାଯିବ ଯେ ୬ ଜଣ ଯାକ ଠିକ୍ ଥିଲେ ଏକ-ଏକ ନିର୍ଦ୍ଦିଷ୍ଟ ଅଂଶବିଶେଷ ଦୃଷ୍ଟିରୁ । ସେମାନଙ୍କ କଥନରେ ଭେଦ ଏଥିପାଇଁ ଥିଲା କାରଣ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ-ଭିନ୍ନ ଓ ଏକାଙ୍ଗୀ ଥିଲା, ସାମଗ୍ରୀକ ନ ଥିଲା । ଆମେ ଯଦି ଭିନ୍ନ-ଭିନ୍ନ ସ୍ଥାନରେ ଠିଆ ହୋଇ କୌଣସି ଏକ ବିଶାଳ ଭବନର ଚିତ୍ର ଉତ୍ତୋଳନ କରିବା ତେବେ ସେ ଗୋଟିଏ ଭବନ ହିଁ ଅଲଗା-ଅଲଗା ଦେଖାଯିବ । ଜଣେ ମନୁଷ୍ୟର ଫଟୋ ବି ଭିନ୍ନ-ଭିନ୍ନ ଦିଗରୁ ନେଲେ ଭିନ୍ନ-ଭିନ୍ନ ଦେଖାଯିବ । ଏସବୁ ଦୃଷ୍ଟିକୋଣର ଭିନ୍ନତାର ଖେଳ । ଆମେ ସବୁ ଭିନ୍ନ-ଭିନ୍ନ ମାନସିକ ସ୍ଥିତିରେ ଥାଉ । ଅତଃ ଆମର ଦୃଷ୍ଟିକୋଣ ଭିନ୍ନ-ଭିନ୍ନ ହୋଇଥାଏ ଏବଂ ଆମେ ନିଜ ଦୃଷ୍ଟିକୋଣ ହିଁ ଠିକ୍ ବୋଲି କହି ୬ ଜଣ ଅନ୍ଧଙ୍କ ଭଳି କଜିଆ କରିବସୁ । ଯଦି କେହି ବୁଦ୍ଧିମାନ୍, ବିଚାରଶୀଳ, ସାମଗ୍ରୀକ ଅଧ୍ୟେତା, ବଝାଇପାରିବା ଲୋକ ଆମକୁ ସମସ୍ତ ଦୃଷ୍ଟିକୋଣର ବିଷୟ ଏକା ବୋଲି ହୃଦୟଙ୍ଗମ କରାଇପାରେ ତେବେ ଆମ ଭ୍ରମ ଦୂର ହୋଇଯାଏ । ଅତଃ ଜୀବନରେ ଏଭଳି ଜ୍ଞାନୀ, ବିଚାରଶୀଳ ବ୍ୟକ୍ତିଙ୍କ ସଙ୍ଗ ଏକାନ୍ତ ଆବଶ୍ୟକ ଅନ୍ୟମାନଙ୍କ ଦୃଷ୍ଟିକୋଣକୁ ବୁଝିବା ଓ ସମନ୍ୱୟ କରିବା ପାଇଁ ।

ଭାରତବର୍ଷରେ ଦାନ ଓ ଅହିଂସା ଏ ଉଭୟର ପ୍ରାଚୁର୍ଯ୍ୟ ଥିବା ଦେଖାଯାଏ । କିନ୍ତୁ ବହୁଳାଂଶରେ ଯା' ପଛରେ ଯଥାର୍ଥ ଜ୍ଞାନର ଅଭାବ ଦୃଷ୍ଟିଗୋଚର ହୋଇଥାଏ । ଭାରତୀୟଙ୍କ ଦାନଶୀଳତା କାରଣରୁ ହିଁ ଭାରତର ଶକ୍ତି-ସାମର୍ଥ୍ୟ ସମ୍ପନ୍ନ ହଜାର-ହଜାର ଲୋକ ଭିକାରି ହେଉଛନ୍ତି । ତୀର୍ଥସ୍ଥଳ ଓ ଭିକାରିଙ୍କ ମଧ୍ୟରେ ତ ଅତୁଟ ସମ୍ପର୍କ ଦେଖାଯାଏ । ହଜାର-ହଜାର ବାପା-ମାଆ ନିଜ ପିଲାଙ୍କୁ ଶିଖାଉଛନ୍ତି କି କିପରି ବିଭିନ୍ନ ଫନ୍ଦି-ଫିକର କରି ଭିକ ମାଗିବାକୁ ହେବ । ଗଙ୍ଗା, ଯମୁନା, ଗୋଦାବରୀ ଆଦି ନଦୀ ଉପର ଦେଇ ରେଳ ଗଲାବେଳେ ଦେଖାଯାଏ ଯେ ଶହ-ଶହ ଯାତ୍ରୀ ପକେଟରୁ ପଇସା କାଢ଼ି ନଦୀରେ ପକାନ୍ତି । ଏହାକୁ ସେମାନେ ଗୁପ୍ତଦାନ ବୋଲି ମନେକରନ୍ତି । କୌଣସି ପ୍ରକାରେ ଅର୍ଥର ଅପବ୍ୟୟ ହେଲେ ଆମେ କହୁ 'ପଇସା ପାଣିରେ ପଡ଼ିଲା' ବୋଲି । ଅଥଚ ଦାନ କରି ପୁଣ୍ୟ ଅର୍ଜନ କରୁଛୁ ବୋଲି ଭାବି ଲୋକେ ଏସବୁ ନଦୀର ପାଣିରେ ପଇସା ପକାନ୍ତି । ନାଗପଞ୍ଚମୀ ସମୟରେ ସାପକୁ ଦୁଧ ଦାନ କରିବା ଉଦ୍ଦେଶ୍ୟରେ ସମଗ୍ର ଦେଶରେ ବିଲାରେ ହଜାର-ହଜାର ଲିଟର କ୍ଷୀର ଢଳାଯାଏ । ସାପ ତ ସ୍ତନ୍ୟପାୟୀ ପ୍ରାଣୀ ନୁହେଁ । ସେ ସରୀସୃପ ପ୍ରଜାତିର । ସରୀସୃପମାନେ ସ୍ତନ୍ୟପାୟୀ ନୁହଁନ୍ତି । ତେଣୁ ସାପ କ୍ଷୀର ପିଏ ନାହିଁ । ସାପକୁ ଅନେକ ଦିନ ଭୋକ-ଶୋଷରେ ରଖି ତା' ପରେ କ୍ଷୀର ଦେଲେ ସେ ପ୍ରାଣ ବିକଳରେ ଶୋଷେ । କିନ୍ତୁ କ୍ଷୀର ସାପ ପାଇଁ ଅହିତକର । ଯେଉଁମାନେ ବିଲାକୁ ଯାଇ କ୍ଷୀର ଢାଳି ପାରନ୍ତିନି କେତେକ ସ୍ଥାନରେ ଦେଖାଯାଏ ଯେ ସେମାନେ ତମ୍ବା-ପିତଳର ସାପ କିଣି ତା' ଉପରେ କ୍ଷୀର ଢାଳନ୍ତି ଓ ଆଉ କେତେକ ବ୍ୟକ୍ତି କାନ୍ଥରେ ସାପର ଚିତ୍ର କରି ତା' ଉପରେ କ୍ଷୀର ଢାଳନ୍ତି । ଯେଉଁ ଶିଶୁମାନେ କ୍ଷୀର ଟିକିଏ ପିଇବାକୁ ନ ପାଇ କୁପୋଷଣର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି, ଚିକିତ୍ସାଳୟରେ ଯେଉଁ ରୋଗୀମାନେ ଅଭାବ-ଅନାଟନ ଆଦି କାରଣରୁ କ୍ଷୀର ଟୋପାଏ ପିଇବାକୁ ପାଉନାହାନ୍ତି ସେମାନଙ୍କୁ ଦୁଗ୍ଧ ଦାନ କରିବା କଥା ଏ (ଅ)ଧାର୍ମିକ ଦାନୀଙ୍କ ମନକୁ ଆସିପାରେ

ନାହିଁ । ଏଣୁ ଯଥାର୍ଥ ଦାନ ନିମନ୍ତେ ଦାନ ସହ ଜ୍ଞାନର ସମନ୍ୱୟ ଆବଶ୍ୟକ ।

ଅହିଂସାର ଭୁଲ୍ ବ୍ୟାଖ୍ୟା ଓ ଭୁଲ୍ ଆଚରଣ ଯୋଗୁଁ ଅତୀତରେ ଆମ ଦେଶର କେତେ ଯେ କ୍ଷତି ଘଟିଛି ଇତିହାସ ତା'ର ସାକ୍ଷୀ । ଅହିଂସାର ଜ୍ଞାନହୀନ ଆଚରଣ ଯୋଗୁଁ ମୁଷ୍ଟିମେୟ ବୈଦେଶିକ ଆକ୍ରମଣକାରୀମାନେ ଅନାୟାସରେ ଆମର ଏ ବିଶାଳ ଦେଶକୁ ଅଧିକାର କରିନେଲେ, ଆମ ସଂସ୍କୃତିର ଜ୍ଞାନଗନ୍ତାଘର ଗ୍ରନ୍ଥାଗାରଗୁଡ଼ିକୁ ଜାଳି-ପୋଡ଼ି ଧ୍ୱଂସ କରିଦେଲେ । ଏଣୁ ଅହିଂସାର ଯଥାର୍ଥ ଆଚରଣ ସେତେବେଳେ ଠିକ୍ ହେବ ଯେତେବେଳେ ଆମର ଏ ବିଷୟକ ଜ୍ଞାନ ଯଥାର୍ଥ ରହିବ ।

ମଣିଷର ଜୀବନ ସଙ୍ଗ ଦ୍ୱାରା ବିଶେଷ ରୂପେ ପ୍ରଭାବିତ ହୋଇଥାଏ । କଲ୍ୟାଣ ମାର୍ଗର ପଥିକ ହେବା ପାଇଁ ଉତ୍ତମ ସଙ୍ଗ ଏକାନ୍ତ ଆବଶ୍ୟକ । ଆମେ କିଭଳି ମହାନୁଭବଙ୍କ ସଙ୍ଗ କରିବା ତାଙ୍କ ଗୁଣ ବିଷୟରେ ତ ଏହି ବେଦମନ୍ତ୍ର ଆଧାରରେ ଆମେ ଆଲୋଚନା କଲେ । ଆମ ଭିତରେ ଯେହେତୁ ଜନ୍ମ-ଜନ୍ମର ଅନେକ ଖରାପ ସଂସ୍କାର ବିଦ୍ୟମାନ, ତେଣୁ ଆମେ ମହାତ୍ମା-ମହାପୁରୁଷଙ୍କ ସଙ୍ଗ ଥରେ-ଅଧେ କରିଦେଲେ ତାହା ପର୍ଯ୍ୟାପ୍ତ ହେବ ନାହିଁ, ସେତିକିରେ ରାଶି-ରାଶି କୁସଂସ୍କାର ଧୋଇଯିବ ନାହିଁ । ପୁଣି ସଂସାରରେ ଖରାପର ପ୍ରଲୋଭନ ବି ଅତ୍ୟଧିକ । ଏଣୁ  ଆମକୁ ନିରନ୍ତର ସଜ୍ଜନଙ୍କ ସଙ୍ଗ କରିବାକୁ ହେବ । ସତ୍‌ସଙ୍ଗ ସହ ନିରନ୍ତର ସଂପର୍କ ରଖିବାକୁ ହେବ । ସତ୍‌ସଙ୍ଗ, ସାଧୁସଙ୍ଗର ମହିମା ବହୁତ ।

**ଚନ୍ଦନଂ ଶୀତଲଂ ଲୋକେ ଚନ୍ଦନାଦପି ଚନ୍ଦ୍ରମାଃ ।**
**ଚନ୍ଦ୍ରଚନ୍ଦନୟୋର୍ମଧ୍ୟେ ଶୀତଲା ସାଧୁସଙ୍ଗତିଃ ॥**

ସଂସାରରେ ଚନ୍ଦନ ଶୀତଳ ହୋଇଥାଏ । ଚନ୍ଦ୍ରକିରଣ ଚନ୍ଦନଠାରୁ ମଧ୍ୟ ଶୀତଳ ଅନୁଭୂତ ହୋଇଥାଏ । କିନ୍ତୁ ସାଧୁସଙ୍ଗ ଚନ୍ଦନ ଓ ଚନ୍ଦ୍ରକିରଣ ଠାରୁ ମଧ୍ୟ ଅଧିକ ଶାନ୍ତିପ୍ରଦ ହୋଇଥାଏ ।

**ଜାଡ୍ୟଂ ଧିୟୋ ହରତି ସିଞ୍ଚତି ବାଚି ସତ୍ୟଂ**
**ମାନୋନ୍ନତିଂ ଦିଶତି ପାପମପାକରୋତି ।**
**ଚେତଃ ପ୍ରସାଦୟତି ଦିକ୍ଷୁ ତନୋତି କୀର୍ତ୍ତିଂ**
**ସତ୍‌ସଙ୍ଗତିଃ କଥୟ କିଂ ନ କରୋତି ପୁଂସାମ୍ ॥**

(ନୀତି. ୨୨)

ସତ୍‌ସଙ୍ଗତି ବୁଦ୍ଧିର ଜଡ଼ତା ହରଣ କରିନିଏ; ବାଣୀରେ ସତ୍ୟର ସିଞ୍ଚନ କରେ; ମାନ-ସମ୍ମାନ ବୃଦ୍ଧି କରେ ଓ ଉଚ୍ଚାବସ୍ଥା ପ୍ରାପ୍ତ କରାଏ; ପାପ ଦୂର କରେ; ଚିତ୍ତକୁ ପ୍ରସନ୍ନ, ଆହ୍ଲାଦିତ କରେ; ଚତୁର୍ଦ୍ଦିଗରେ କୀର୍ତ୍ତି ପ୍ରସାର କରେ । ଅତଃ କୁହନ୍ତୁ, ସତ୍‌ସଙ୍ଗତି ମଣିଷର କ'ଣ କ'ଣ ଉପକାର ନ କରେ ? ସତ୍‌ସଙ୍ଗ ସମସ୍ତ କଲ୍ୟାଣ ସାଧନ କରେ ।

**ମହାଜନସ୍ୟ ସଂସର୍ଗଃ କସ୍ୟ ନୋନ୍ନତିକାରକଃ ।**
**ପଦ୍ମପତ୍ରସ୍ଥିତଂ ତୋୟମ୍ ଧତ୍ତେ ମୁକ୍ତାଫଳଶ୍ରିୟମ୍ ॥**

(ସୁଭାଷିତରାନ୍‌ଭାଣ୍ଡାଗାରମ୍. ୯୦:୨)

ମହାନ୍ ବ୍ୟକ୍ତିଙ୍କ ସଂଗତି କାହାର ବା ଉନ୍ନତିର କାରଣ ହୋଇନଥାଏ !! ଅର୍ଥାତ୍ ସମସ୍ତଙ୍କର ଉନ୍ନତିର କାରଣ ହୋଇଥାଏ । ଯେପରିକି ପଦ୍ମ ପତ୍ର ଉପରେ ସ୍ଥିତ ସାଧାରଣ ଜଳବିନ୍ଦୁଟିଏ ମଧ୍ୟ ମୋତି ଭଳି ଶୋଭାୟମାନ ହୋଇଥାଏ ।

**କାଚଃ କାଞ୍ଚନ ସଂସର୍ଗାଦ୍ଧତ୍ତେ ମାରକତୀଂ ଦ୍ୟୁତିମ୍ ।**
**ତଥା ସତ୍‌ସଂନିଧାନେନ ମୂର୍ଖୋ ଯାତି ପ୍ରବୀଣତାମ୍ ॥**

(ହିତୋପଦେଶ. ୪୧)

କାଚ ଯେଉଁପରି ସୁନାର ସଂସର୍ଗରେ ମରକତ ମଣି (ପାନ୍ନା)ର ଶୋଭା ଧାରଣ କରେ, ସେହିପରି ସଜ୍ଜନଙ୍କ ସଙ୍ଗ ନିରନ୍ତର କରିବା ଦ୍ୱାରା ମୂର୍ଖ ମଧ୍ୟ ବୁଦ୍ଧିମାନ୍ ହୋଇଯାଏ ।

**ହୀୟତେ ହି ମତିସ୍ତାତ ! ହୀନୈଃ ସହ ସମାଗମାତ୍ ।**
**ସମୈଷ୍ଟ ସମତାମେତି, ବିଶିଷ୍ଟୈଷ୍ଟ ବିଶିଷ୍ଟତାମ୍ ॥**

(ହିତୋପଦେଶ. ୪୨)

ନିକୃଷ୍ଟ-ବୁଦ୍ଧିର ଲୋକଙ୍କ ସଙ୍ଗ କରିବା ଦ୍ୱାରା ମଣିଷର ବୁଦ୍ଧି ନିମ୍ନ ସ୍ତରର ହୋଇଯାଏ, ସମାନ ଶ୍ରେଣୀର ବୌଦ୍ଧିକ ଯୋଗ୍ୟତା ସମ୍ପନ୍ନ ଲୋକଙ୍କ ସଙ୍ଗ ଦ୍ୱାରା ବୁଦ୍ଧି ଯଥାବତ୍ ରହିଥାଏ ଏବଂ ଉଚ୍ଚ ବିଚାର-ବୁଦ୍ଧି ସମ୍ପନ୍ନ ଲୋକଙ୍କ ସଙ୍ଗ ଦ୍ୱାରା ମଣିଷର ବୁଦ୍ଧି ଉନ୍ନତ, ଉତ୍କୃଷ୍ଟ ହେବାକୁ ଲାଗେ । ଏଣୁ ସଜ୍ଜନଙ୍କ ସଙ୍ଗ କରିବା ଆବଶ୍ୟକ ।

ଚାଣକ୍ୟ କହନ୍ତି — **'ତ୍ୟଜ ଦୁର୍ଜନସଂସର୍ଗ ଭଜ ସାଧୁସମାଗମମ୍ ।'** (ଚାଣକ୍ୟ. ୧୪:୨୦)— ହେ ମାନବ ! ତୁମେ ଦୁର୍ଜନଙ୍କ ସଙ୍ଗ ପରିତ୍ୟାଗ କରି ସାଧୁ-ସଜ୍ଜନଙ୍କ ସଙ୍ଗ କର । କାରଣ—

**ଯଦି ସତ୍‌ସଙ୍ଗନିରତୋ ଭବିଷ୍ୟସି ଭବିଷ୍ୟସି ।**
**ଅଥ ଦୁର୍ଜନସଂସର୍ଗେ ପତିଷ୍ୟସି ପତିଷ୍ୟସି ॥**

ଯଦି ତୁମେ ସତ୍‌ସଙ୍ଗୀ ହେବ ତେବେ ଜୀବନରେ କିଛି ହୋଇପାରିବ, ଉନ୍ନତ ମଣିଷ ହୋଇଯିବ, ଜୀବନର କଲ୍ୟାଣ ହୋଇଯିବ । ଆଉ ଯଦି କୁସଙ୍ଗରେ ପଡ଼ିଯିବ, ତେବେ ଅଧଃପତନ ସୁନିଶ୍ଚିତ, ପତିତରୁ ପତିତ ହୋଇଚାଲିବ ।

**ଦୁର୍ଜନଃ ପରିହର୍ତ୍ତବ୍ୟୋ ବିଦ୍ୟୟାଽଲଙ୍କୃତୋଽପି ସନ୍ ।**
**ମଣିନା ଭୂଷିତଃ ସର୍ପଃ କିମସୌ ନ ଭୟଙ୍କରଃ ? ॥**

(ନୀତିଶତକ. ୫୨)

ଦୁର୍ଜନ, ଦୁଷ୍ଟ ବ୍ୟକ୍ତି ଯେତେ ବିଦ୍ୟାରେ ବିଭୂଷିତ ହୋଇଥିଲେ ମଧ୍ୟ ତାକୁ ପରିତ୍ୟାଗ କରିଦେବା, ତା' ଠାରୁ ଦୂରେଇ ରହିବା ଉଚିତ । କାରଣ ମଣିରେ ବିଭୂଷିତ ହୋଇଥିଲେ ସୁଦ୍ଧା ବିଷଧର ସାପ କ'ଣ ଭୟଙ୍କର ହୋଇନଥାଏ ? ଅବଶ୍ୟ ଭୟଙ୍କର ହୋଇଥାଏ । ମଣିବିଭୂଷିତ ବିଷଧର ସର୍ପ ଯେପରି ମୃତ୍ୟୁର କାରଣ ହୋଇଥାଏ ସେହିପରି ବିଦ୍ୟାରେ ବିଭୂଷିତ ହୋଇଥିଲେ ମଧ୍ୟ ଦୁର୍ଜନ ବ୍ୟକ୍ତି ସର୍ବନାଶ କାରକ ହୋଇଥାଏ ।

**ଦୁର୍ଜନଃ ପ୍ରିୟବାଦୀ ଚ, ନୈତଦ୍ ବିଶ୍ୱାସକାରଣମ୍ ।**
**ମଧୁ ତିଷ୍ଠତି ଜିହ୍ୱାଽଗ୍ରେ, ହୃଦି ହଳାହଳଂ ବିଷମ୍ ॥**

(ହିତୋପଦେଶ. ୧:୮୨)

ଦୁର୍ଜନ ପ୍ରିୟବାଦୀ, ମଧୁରଭାଷୀ ହେଲେ ସୁଦ୍ଧା କଦାପି ବିଶ୍ୱାସଯୋଗ୍ୟ ନୁହେଁ । କାରଣ ତା'ର ଜିଭ ଅଗରେ କେବଳ ମହୁ ଥାଇପାରେ; କିନ୍ତୁ ହୃଦୟରେ ହଳାହଳ ବିଷ ହିଁ ଭରି ରହିଥାଏ ।

**ଦୁର୍ଜନେନ ସମଂ ସଖ୍ୟଂ ବୈରଞ୍ଚାପି ନ କାରୟେତ୍ ।**
**ଉଷ୍ଣୋ ଦହତି ଚାଙ୍ଗାରଃ ଶୀତଃ କୃଷ୍ଣାୟତେ କରମ୍ ॥**

(ହିତୋପଦେଶ. ୧:୮୦)

ଦୁର୍ଜନ ସହ ମିତ୍ରତା କି ଶତ୍ରୁତା କୌଣସିଟି କରିବା ଉଚିତ ନୁହେଁ । କାରଣ ଉଭୟ ସ୍ଥିତିରେ ସିଏ ଅନିଷ୍ଟ କରିଥାଏ । ଯେମିତିକି ଜଳନ୍ତା ଅଙ୍ଗାରକୁ ଛୁଇଁଲେ ତାହା ହାତକୁ ଜଳାଇଥାଏ ଏବଂ ତାହା ଥଣ୍ଡା ହୋଇଯିବା ପରେ (ନିଆଁ ଲିଭିଯିବା ପରେ) ଧରିଲେ ମଧ୍ୟ ହାତକୁ କଳା କରିଦିଏ ।

**ଦୁର୍ଜନସ୍ୟ ଚ ସର୍ପସ୍ୟ ବରଂ ସର୍ପୋ ନ ଦୁର୍ଜନଃ ।**
**ସର୍ପୋ ଦଂଶତି କାଲେନ ଦୁର୍ଜନସ୍ତୁ ପଦେ ପଦେ ॥**

(ଚାଣକ୍ୟନୀତିଦର୍ପଣ. ୩:୪)

ଦୁର୍ଜନ ଓ ସର୍ପ – ଏ ଉଭୟଙ୍କ ମଧ୍ୟରୁ ସର୍ପ ଉତ୍ତମ, ଦୁର୍ଜନ ନୁହେଁ । କାରଣ ସାପ ତ ସେମିତି କିଛି ହାନି ସ୍ଥିତି କେତେବେଳେ ଆସିଲେ, ତାକୁ ପ୍ରାଣଭୟ ହେଲେ ଦଂଶନ କରିଥାଏ; କିନ୍ତୁ ଦୁର୍ଜନ ତ କେହି ତା'ର କ୍ଷତି ନ କରିଥିଲେ ସୁଦ୍ଧା ବିନା କାରଣରେ ପ୍ରତି ପଦେ-ପଦେ ଅନ୍ୟର ହାନି କରି ଚାଲିଥାଏ ।

**ଦୁର୍ଜନସ୍ୟ ମୁଖେ ପ୍ରୀତିର୍ବାଣୀ ଚନ୍ଦନଶୀତଳା ।**
**ହୃଦୟେ ତସ୍ୟ ଦୁର୍ବୁଦ୍ଧେଃ କୁଲିଶାଦପି କର୍କଶମ୍ ॥**

(ଚାଣକ୍ୟରାଜନୀତିଶାସ୍ତ୍ରମ୍. ୩:୩୨)

ଦୁର୍ଜନର ମୁଖରେ ପ୍ରସନ୍ନତା ଥାଏ, ତା'ର ବାଣୀ ଚନ୍ଦନ ଭଳି ଶୀତଳ ହୋଇଥାଏ; କିନ୍ତୁ ସେ ଦୁର୍ବୁଦ୍ଧିର ହୃଦୟ

ବଜ୍ର ଠାରୁ ମଧ୍ୟ ଅଧିକ କଠୋର ହୋଇଥାଏ ।

**ସର୍ପଃ କ୍ରୂରଃ ଖଲଃ କ୍ରୂରଃ ସର୍ପାତ୍ କ୍ରୂରତରଃ ଖଲଃ ।**
**ମନ୍ତ୍ରୌଷଧିବଶଃ ସର୍ପଃ ଖଲଃ କେନ ନିବାର୍ୟତେ ॥**

(ଚାଣକ୍ୟନୀତିଶତକ. ୩୦)

ସାପ ବି ଭୟଙ୍କର ଓ ଦୁର୍ଜନ ବି ଭୟଙ୍କର । କିନ୍ତୁ ଦୁର୍ଜନ ବ୍ୟକ୍ତି ସାପଠୁ ଅଧିକ ଭୟଙ୍କର । କାରଣ ସାପକୁ ତ ମନ୍ତ୍ର ଅର୍ଥାତ୍ କେମିତି ଧରାଯିବ, ନିୟନ୍ତ୍ରଣ କରାଯିବ ସେ ବିଚାର, ଜ୍ଞାନ ଏବଂ ଔଷଧ ଦ୍ୱାରା ବଶ, ନିୟନ୍ତ୍ରଣ କରାଯାଏ; କିନ୍ତୁ ଦୁର୍ଜନକୁ କିପରି ନିୟନ୍ତ୍ରଣ କରାଯିବ ? ଦୁର୍ଜନକୁ ନିୟନ୍ତ୍ରଣ କରିବା ଅତୀବ ଦୁଷ୍କର ।

ଏ କଥାକୁ ବ୍ୟାସକବି ଫକୀରମୋହନ ସୁନ୍ଦର ଭାବେ କହିଛନ୍ତି—

ଖଳ ବୋଲେ, ସର୍ପ ତୁ ତ ଭାରି ପାଜି ଦୁଷ୍ଟ,
ପ୍ରାଣିହିଂସା କରୁ ଅକାରଣେ ହୋଇ ରୁଷ୍ଟ ।
ସର୍ପ ବୋଲେ, ମୋ ଦଂଶନେ ମରେ ଜଣେ ପ୍ରାଣେ
ତୋ ଜିହ୍ୱାରେ କେତେ ବଂଶ ଛାରଖାର ଜାଣେ ।

(ପଦ୍ୟମାଳା)

ଏଣୁ ଆମକୁ ଖରାପ ଲୋକଙ୍କ ସଙ୍ଗରୁ, କୁସଙ୍ଗରୁ ସଦା ଦୂରେଇ ରହିବାକୁ ହେବ । ସାଧୁ-ସଜ୍ଜନଙ୍କ ସଙ୍ଗର ଲାଭ ଓ କୁସଙ୍ଗର କ୍ଷତି ବିଷୟ ଭକ୍ତକବି ମଧୁସୂଦନଙ୍କ ଭାଷାରେ—

ସାଧୁ ସୁଜନ ସଙ୍ଗତରେ,
ଧନ୍ୟ ଯେ ନିତ୍ୟ ବାସ କରେ ।
ସଜ୍ଜନ ସଙ୍ଗେ ସଦା ରହି,
ପବିତ୍ର କର ଏହି ମହୀ ।
ଦୁର୍ଜନ ସଙ୍ଗେ କଲେ ବାସ,
ନିଶ୍ଚେ ଘଟିବ ସର୍ବନାଶ
ସର୍ପ ସମାନ ଭୟଙ୍କର,
ଦୁର୍ଜନ ଜନେ ପରିହର । (ସଙ୍ଗ)

ସତ୍‌ସଙ୍ଗ ସର୍ବଦା ମଣିଷର ଉଦ୍ଧାର କରିଆସିଛି । ମହାପୁରୁଷଙ୍କ ସତ୍‌ସଙ୍ଗ କାରଣରୁ ବଡ଼-ବଡ଼ ପତିତ ବ୍ୟକ୍ତିଙ୍କର ମଧ ଉଦ୍ଧାର ହୋଇପାରିଛି । ମହାପୁରୁଷଙ୍କ ଜୀବନ ଏପରି ଉଦାହରଣରେ ଭରି ରହିଛି । ମହାତ୍ମା ବୁଦ୍ଧଙ୍କ ସତ୍‌ସଙ୍ଗ ଓ ଉପଦେଶ ପ୍ରଭାବରେ ବହୁ ପତିତ ବ୍ୟକ୍ତିଙ୍କ ଜୀବନ ଉଦ୍ଧାର ହୋଇଛି । ଦସ୍ୟୁ ଅଙ୍ଗୁଳିମାଳ ମଧ ତାଙ୍କ ସତ୍‌ସଙ୍ଗ-ଉପଦେଶରେ ହିଂସା ପରିତ୍ୟାଗ କରି ଅହିଂସକ ହୋଇଗଲା ।

କୋଶଳ ଦେଶରେ ରାଜା ପ୍ରସେନଜିତ ରାଜତ୍ୱ କରୁଥିଲେ । ସେ ସମୟରେ କୋଶଳର ରାଜଧାନୀ ଶ୍ରାବସ୍ତୀ ନିକଟସ୍ଥ ନିଘଞ୍ଚ ଜଙ୍ଗଲରେ ଅଙ୍ଗୁଳିମାଳ ନାମକ ଜଣେ ଦୁର୍ଦ୍ଦାନ୍ତ ଡକାଏତ ରହୁଥିଲା ଯିଏ କି ସେହି ଜଙ୍ଗଲ ଦେଇ ଯାଉଥିବା ବାଟୋଇମାନଙ୍କୁ ଲୁଣ୍ଠନ କରୁଥିଲା, ସେମାନଙ୍କୁ ହତ୍ୟା କରୁଥିଲା ତଥା ସେମାନଙ୍କ ଗୋଟିଏ ଲେଖାଏଁ ଆଙ୍ଗୁଠି କାଟି ମାଳ କରି ପିନ୍ଧୁଥିଲା । ଏଣୁ ତା' ନାମ ଅଙ୍ଗୁଳିମାଳ ହୋଇଯାଇଥିଲା । ତା'ର ବାସ୍ତବିକ ନାମ ଲୋକେ ଜାଣିନଥିଲେ । ମହାରାଜ ପ୍ରସେନଜିତ ମଧ ତାକୁ ଦମନ କରିପାରିନଥିଲେ । ବୁଦ୍ଧ ପଦଯାତ୍ରା କରି ଲୋକଙ୍କୁ ଜ୍ଞାନ ବିତରଣ କରୁଥାନ୍ତି । ଏହି ଅବସରରେ ଥରେ ସେ ସେହି ଜଙ୍ଗଲ ଦେଇ ଯିବାକୁ ବାହାରିଲେ । ଅଙ୍ଗୁଳିମାଳର ଦୌରାତ୍ମ୍ୟ କଥା କହି ନଗରବାସୀମାନେ ତାଙ୍କୁ ସେହି ରାସ୍ତାରେ ଯିବାକୁ ବାରଣ କଲେ । କିନ୍ତୁ ବୁଦ୍ଧ କାହାରି ବାରଣ ନ ମାନି ମୌନ ଧାରଣ ପୂର୍ବକ ପ୍ରଶାନ୍ତ ବଦନରେ ଏକାକୀ ସେହି ଜଙ୍ଗଲ ରାସ୍ତାରେ ଆଗେଇ ଚାଲିଲେ । ବୁଦ୍ଧ ଆସୁଥିବା ଅଙ୍ଗୁଳିମାଳ ଦୂରରୁ ଦେଖିପାରିଲା । ସେ ଆଶ୍ଚର୍ଯ୍ୟ ହେଲା ଯେ ତା' ଭୟରେ ଦଳବଦ୍ଧ ଭାବରେ ବି ସେହି ରାସ୍ତାରେ ଲୋକେ ଯିବାକୁ ସାହସ କରିପାରୁନଥିବା ସ୍ଥିତିରେ ଏ ସାଧୁ ଜଣକ ଏକାକୀ ଯିବାକୁ କିପରି ସାହସ କରୁଛନ୍ତି ? ଇଏ କ'ଣ ତାଙ୍କୁ ବେଖାତିର କରୁଛନ୍ତି ? ସେ ଅସ୍ତ୍ର-ଶସ୍ତ୍ର ଧରି ବୁଦ୍ଧଙ୍କୁ ମାରିବା ଓ ଲୁଣ୍ଠନ କରିବାକୁ ବାହାରିଲା ।

ଅଙ୍ଗୁଳିମାଳ ପାଟିକରି କହିଲା— 'ଅଟକି ଯାଅ ।' ବୁଦ୍ଧ ଅଟକିଗଲେ ଓ ଶାନ୍ତ ମଧୁର ସ୍ୱରରେ କହିଲେ— 'ମୁଁ ତ କେବେଠୁ ସ୍ଥିର ହୋଇଯାଇଛି । ତୁମେ ମଧ ଅଟକିଯାଅ ।' ଅଙ୍ଗୁଳିମାଳ କହିଲା— 'ତୁମେ ଚାଲୁଛ, ଅଥଚ କହୁଛ ଯେ ତୁମ ଅଟକି ଯାଇଛ ବୋଲି । ଆଉ ମୁଁ ତ ଠିଆ ହୋଇଛି, ଅଥଚ କହୁଛ ଯେ ମୁଁ ସ୍ଥିର ନାହିଁ ବୋଲି । ବଡ଼ ବିଚିତ୍ର କଥା !! ତୁମେ ଚାଲି ମଧ ସ୍ଥିର କେମିତି ଓ ମୁଁ ସ୍ଥିର ଭାବେ ଠିଆ ହୋଇ ମଧ ଅସ୍ଥିର କେମିତି ?' ବୁଦ୍ଧ କହିଲେ— 'ସମସ୍ତ ପ୍ରାଣୀଙ୍କ ପ୍ରତି ବୈର-ବିଦ୍ୱେଷ, ହିଂସା ଭାବ ପରିତ୍ୟାଗ କରିଥିବାରୁ ମୁଁ ନିର୍ଭୟ, ଆତ୍ମସ୍ୱରୂପରେ ଅବସ୍ଥିତ । ତୁମେ ସମସ୍ତଙ୍କ ପ୍ରତି ବୈର, ହିଂସା ଭାବ ପୋଷଣ କରି ସମସ୍ତଙ୍କ ଲୁଣ୍ଠନ, ଶୋଷଣ କରିବା ଭାବନାର ବଶବର୍ତ୍ତୀ ଥିବାରୁ ସଦା ଅସ୍ଥିର, ଚଞ୍ଚଳ, ଧାବମାନ ।'

ଅଙ୍ଗୁଳିମାଳ ପଚାରିଲା — 'ମୋ ନାଁ ଶୁଣିଲେ ଲୋକେ ଭୟଭୀତ ହୋଇଯାନ୍ତି । ମୋତେ ଦେଖିଲେ ଥରଥର କମ୍ପନ୍ତି । ତୁମକୁ କ'ଣ ଡର-ଭୟ ଲାଗୁନି ?' ବୁଦ୍ଧ ଉତ୍ତର ଦେଲେ— 'ଯିଏ ବାସ୍ତବରେ ଶକ୍ତିଶାଳୀ ହୋଇଥାଏ ତାକୁ ଦେଖିଲେ ଭୟ ଲାଗେ । ଦୁର୍ବଳକୁ କେହି କ'ଣ ଭୟ କରେ ?' ଅଙ୍ଗୁଳିମାଳ ଜୋର୍‌ରେ ହସିଲା ଓ କହିଲା — 'ତୁମେ କ'ଣ ଭାବୁଛ ଯେ ମୁଁ ଦୁର୍ବଳ, ଶକ୍ତିଶାଳୀ ନୁହେଁ ? ମୁଁ ଏକା ଥରକେ ଦଶ ଜଣକ ମୁଣ୍ଡ କାଟିପାରେ ।' ବୁଦ୍ଧ କହିଲେ— 'ଯଦି ତୁମେ ସତରେ ଶକ୍ତିଶାଳୀ ତେବେ ସେ ଗଛରୁ ୧୦ଟି ପତ୍ର ତୋଳି ଆଣ ।' ଅଙ୍ଗୁଳିମାଳ ଯନ୍ତ୍ରବତ୍ ୧୦ଟି ପତ୍ର ତୋଳି ଆଣିଲା । ବୁଦ୍ଧ ବର୍ତ୍ତମାନ କହିଲେ— 'ଯାଅ । ଏ ୧୦ଟି ପତ୍ର ଯେଉଁଠୁ ତୋଳିଥିଲ ସେଇଠି ଯୋଡ଼ିଦିଅ ।' ଅଙ୍ଗୁଳିମାଳ କହିଲା— 'ଡାଳରୁ ଛିଣ୍ଡିଯିବା ପତ୍ର ଆଉ କ'ଣ ଯୋଡ଼ିହୁଏ ?' ବୁଦ୍ଧ ପଚାରିଲେ— 'ଯେଉଁ ପଦାର୍ଥକୁ ତୁମେ ଯୋଡ଼ି ପାରିବ ନାହିଁ, ତାକୁ ଛିଣ୍ଡାଇବାର ଅଧିକାର ତୁମର କୁଆଡୁ ଆସିଲା ? ଜଣେ ଲୋକର ମୁଣ୍ଡ କି ଆଙ୍ଗୁଠି ବି ତୁମେ ଯୋଡ଼ି ପାରିବ ନାହିଁ ତ ୧୦ ଜଣକର ମୁଣ୍ଡ, ଆଙ୍ଗୁଠି କାଟିବାରେ କ'ଣ ବାହାଦୁରି ଅଛି ?' ବୁଦ୍ଧଙ୍କ ଏତିକି ଶାନ୍ତ, ଗମ୍ଭୀର ଉପଦେଶର କି ଯାଦୁ ଥିଲା କେଜାଣି ଅଙ୍ଗୁଳିମାଳ ଉପରେ ତା'ର ଗଭୀର ପ୍ରଭାବ ପଡ଼ିଲା । ସେ ଅସ୍ତ୍ର-ଶସ୍ତ୍ର ଫିଙ୍ଗିଦେଇ ବୁଦ୍ଧଙ୍କ ପାଦତଳେ ଲୋଟିପଡ଼ିଲା ଏବଂ ଆତ୍ମକଲ୍ୟାଣ ପାଇଁ ଭିକ୍ଷୁ ବ୍ରତ ଗ୍ରହଣ କଲା । ବୁଦ୍ଧଙ୍କ ସତ୍‌ସଙ୍ଗ ପ୍ରଭାବରେ ଏଭଳି ଭାବେ ଦୁର୍ଦ୍ଦାନ୍ତ ଦସ୍ୟୁର ଜୀବନ ପରିବର୍ତ୍ତିତ ହୋଇଗଲା ।

❖❖❖

# ପୁନର୍ଜନ୍ମ

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

## ଜନ୍ମ ଓ ମୃତ୍ୟୁ କ'ଣ ?

**'ଜୀବ କ'ଣ ?'** ନାମକ ବିଷୟରେ ଆମେ ଉଲ୍ଲେଖ କରିଛୁ ଯେ ଜୀବ ଅଜ ଓ ଅମର, ଅର୍ଥାତ୍ ଏହା ଉତ୍ପନ୍ନ ହୋଇ ନାହିଁ କି ବିନାଶ ବି ହେବ ନାହିଁ । ଶରୀର ସହିତ ଏହାର ସମ୍ବନ୍ଧ ହେବା ହିଁ ଜନ୍ମ ଏବଂ ଶରୀରଠାରୁ ସମ୍ବନ୍ଧ କଟିଯିବା ହିଁ ମୃତ୍ୟୁ ଅଟେ ।

ଆମେ ଦେଖୁ ଯେ ସଂସାରରେ ଯେତେ ମନୁଷ୍ୟ ବା ଅନ୍ୟ ପ୍ରାଣୀ ଉତ୍ପନ୍ନ ହୁଅନ୍ତି ସେମାନେ ସମସ୍ତେ ଏକା ଭଳି ହୁଅନ୍ତି ନାହିଁ । ସେମାନଙ୍କ ମଧ୍ୟରୁ କିଏ ସୁନ୍ଦର ତ କିଏ ଅସୁନ୍ଦର, କେହି ଚତୁର ତ କେହି ମୂର୍ଖ, କେହି ଦୁର୍ବଳ ତ କେହି ସବଳ, କେହି ଧନବାନ୍ ଓ କେହି ଦରିଦ୍ର ଏବଂ କିଏ ସୁଖୀ ତ କିଏ ଦୁଃଖୀ ହୋଇଥାନ୍ତି ।

## ସମସ୍ତ ପ୍ରାଣୀ ଏକା ପରି କିପରି ?

କିଛି ଲୋକ କହିଥାନ୍ତି ଯେ ଏହି ଅସମାନତା ବାସ୍ତବିକ ନୁହେଁ, କେବଳ କାଳ୍ପନିକ ଅର୍ଥାତ୍ ଧନୀ ଲୋକଙ୍କୁ ବି କିଛି ଦୁଃଖ ଅବଶ୍ୟ ପ୍ରାପ୍ତ ହୋଇଥାଏ ଏବଂ ଦରିଦ୍ର ବ୍ୟକ୍ତିକୁ ମଧ୍ୟ କିଛି ନା କିଛି ସୁଖ ନିଶ୍ଚିତ ରୂପେ ମିଳିଥାଏ । ରାଜା ଓ ରଙ୍କ ସମସ୍ତେ ସମାନ ଅଟନ୍ତି । କିନ୍ତୁ ଏ କଥା ଠିକ୍ ନୁହେଁ । କାରଣ କାଙ୍ଗାଳ ତ ରାଜା ହେବାକୁ ଚାହେଁ; କିନ୍ତୁ ରାଜା ରଙ୍କ ହେବାକୁ ଚାହାନ୍ତି ନାହିଁ । ମୁଁ ଦୁଇ ବର୍ଷ ପୂର୍ବେ ନିର୍ଦ୍ଧନ ଥିଲି ଏବଂ ବର୍ତ୍ତମାନ ମୋ ପାଖରେ ଧନ ହୋଇଗଲା । ତେବେ ଏହି ଦୁଇ ଅବସ୍ଥାକୁ ଏକା ପ୍ରକାର ବୋଲି କୁହାଯାଇ ପାରିବ ନାହିଁ କି ମୁଁ ପୁଣି ନିର୍ଦ୍ଧନ ହେବାକୁ ଚାହୁଁନି । ମୂର୍ଖ ତ ବିଦ୍ୱାନ୍ ହେବକୁ ଚାହେଁ, କିନ୍ତୁ ବିଦ୍ୱାନ୍ କେବେ ବି ମୂର୍ଖ ହେବାକୁ ଚାହାନ୍ତି ନାହିଁ । ଯଦି ସମସ୍ତ ପ୍ରାଣୀଙ୍କର ଅବସ୍ଥା ଏକାଭଳି ହୋଇଥାନ୍ତା ତେବେ ପୁଣି ଉନ୍ନତି କରିବାର କୌଣସି ଆବଶ୍ୟକତା ବା ଅର୍ଥ ନ ଥାନ୍ତା । ଖ୍ରୀଷ୍ଟିଆନ ଓ ମୁସଲମାନ ବି, ଯେଉଁମାନେ କି ଏହା ମାନନ୍ତି ଯେ ଜୀବକୁ ଈଶ୍ୱର ଉତ୍ପନ୍ନ କରିଥାନ୍ତି, ଏହା ମାନନ୍ତି ନାହିଁ ଯେ ସମସ୍ତ ପ୍ରାଣୀଙ୍କ ସ୍ଥିତି ଏକା ପ୍ରକାରର, କାରଣ ସେମାନଙ୍କ ମତରେ ଯୀଶୁ, ମହମ୍ମଦ ତଥା ଅନ୍ୟ ଅନେକ ସନ୍ଥଗଣ ଅନ୍ୟ ମନୁଷ୍ୟଙ୍କ ଅପେକ୍ଷା ଉତ୍ତମ ତଥା ଉଚ୍ଚ ସ୍ତରର ଅଟନ୍ତି ।

ଏଥିରୁ ଜଣାଯାଏ ଯେ ପ୍ରାଣୀମାନଙ୍କର ଜନ୍ମ ସମୟରେ ଏକା ଭଳି ଅବସ୍ଥା ହୁଏ ନାହିଁ । ସେମାନଙ୍କର ପ୍ରକୃତି ବି ଭିନ୍ନ-ଭିନ୍ନ ପ୍ରକାରର ହୋଇଥାଏ ଏବଂ ପରିସ୍ଥିତି ମଧ୍ୟ ଭିନ୍ନ । ବର୍ତ୍ତମାନ ଏ ପ୍ରଶ୍ନ ଉଠୁଛି ଯେ ଏହି ଭିନ୍ନତା ହୁଏ କାହିଁକି ?

ଏହି ପ୍ରଶ୍ନର ବିଭିନ୍ନ ଉତ୍ତର ଦିଆଯାଇଛି । କେତେକ କହନ୍ତି କି ମାତ-ପିତା ତଥା ଘରର ପରିସ୍ଥିତି ଭିନ୍ନ ହେବା କାରଣରୁ ପ୍ରକୃତି ବି ଭିନ୍ନ ହୁଏ । କିନ୍ତୁ ଏହା ପ୍ରଶ୍ନର ଠିକ୍-ଠିକ୍ ଉତ୍ତର ନୁହେଁ । କାରଣ ମାତା, ପିତା ତଥା ଘରର ପରିସ୍ଥିତି ଭିନ୍ନ-ଭିନ୍ନ ହେବାର ବି ତ କାରଣ ରହିବା ଆବଶ୍ୟକ ।

## ତେବେ କ'ଣ ଈଶ୍ୱର ଏପରି ତିଆରି କରିଛନ୍ତି ?

କେତେକ ଲୋକ କହିଥାନ୍ତି ଯେ 'କାହିଁକି' ପ୍ରଶ୍ନ ହିଁ ବ୍ୟର୍ଥ ଅଟେ । ଈଶ୍ୱର ନିର୍ମାତା ଅଟନ୍ତି । ଏଣୁ ତାଙ୍କର ଅଧିକାର ରହିଛି ଯେ ଯାହାକୁ ଯେପରି ଚାହିଁବେ ସେପରି ତିଆରି କରିବେ । ମାଳୀ ବଗିଚାରେ ଅନେକ ପ୍ରକାର ଫୁଲ ଗଛ ଲଗାଇଥାଏ । ଏହା ଦ୍ୱାରା ବଗିଚାର ସୌନ୍ଦର୍ଯ୍ୟ

ବୃଦ୍ଧିପାଏ । ଗୃହ ନିର୍ମାତା କୌଣସି ପଥରକୁ ଦ୍ୱାର ଉପରେ ଲଗାଇଥାନ୍ତି, କୌଣସି ପଥରକୁ ଚଟାଣରେ । ସମସ୍ତ ପଥରକୁ ଗୋଟିଏ ସ୍ଥାନରେ ହିଁ ଲଗାଇଲେ ଗୃହ ନିର୍ମାଣ ହୋଇପାରିବ ନାହିଁ । ଏହିଭଳି ସଂସାରର ସୌନ୍ଦର୍ଯ୍ୟ ବି ଏଥିରେ ନିହିତ ଯେ କାହାକୁ ରାଜା କରାଯିବ ତ କାହାକୁ ରଙ୍କ । କିନ୍ତୁ ଏପରି ଉତ୍ତର ଦେଉଥିବା ବ୍ୟକ୍ତି ଏହା ବିଚାରନ୍ତି ନାହିଁ ଯେ ସଂସାରର ସୌନ୍ଦର୍ଯ୍ୟ ଜୀବଗଣଙ୍କ ଅସମାନତାର ହେତୁ ହୋଇପାରିବ ନାହିଁ । ଯଦି ଏହା ମାନି ନିଆଯାଏ ଯେ ଯେଉଁଭଳି ମାଳୀ ବା ବଗିଚାର ମାଲିକଙ୍କର ବଗିଚାର ଆବଶ୍ୟକତା ଅଛି, ସେହିଭଳି ଈଶ୍ୱରଙ୍କର ବି ଏକ ସୁନ୍ଦର ସଂସାରର ଆବଶ୍ୟକତା ରହିଛି, ତେବେ ତ ଏହି ଉତ୍ତର କିଛି ଅଂଶରେ ଠିକ୍ ହୋଇପାରନ୍ତା । କିନ୍ତୁ ପୂର୍ଣ୍ଣସ୍ୱରୂପ ଈଶ୍ୱରଙ୍କର କେଉଁ ବସ୍ତୁର ଆବଶ୍ୟକତା ରହିଛି ? ଯାହାର ଆବଶ୍ୟକତା(ଅଭାବ) ରହିଥାଏ ତାକୁ କାଙ୍ଗାଳ ବା ଅଭାବୀ କହନ୍ତି । ଏପରି ସତ୍ତା କେବେ ପୂର୍ଣ୍ଣସ୍ୱରୂପ ହୋଇପାରେ ନାହିଁ । ଈଶ୍ୱର ସଂସାରକୁ ଏଥିପାଇଁ ଗଢ଼ନ୍ତି ନାହିଁ ଯେ ତାଙ୍କୁ ସୁନ୍ଦର ବସ୍ତୁ ଦେଖିବା କିମ୍ବା ନିଜର ଶକ୍ତି ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି । ସେ କେବଳ ଜୀବଗଣଙ୍କ କଲ୍ୟାଣ ନିମନ୍ତେ ସୃଷ୍ଟି ରଚନା କରନ୍ତି । ଯଦି ଜୀବମାନେ ପ୍ରଥମରୁ ବିଦ୍ୟମାନ ନ ଥାନ୍ତି ତେବେ ଈଶ୍ୱର ଜୀବଗଣଙ୍କୁ ତିଆରି କରି ତାଙ୍କୁ ଦୁଃଖ ଦେବା ନିହାତି ଅନ୍ୟାୟ କଥା ।

## କାରଣ ଜୀବ ଅଟେ, ପରମାତ୍ମା ନୁହନ୍ତି

ପ୍ରାଣୀମାନଙ୍କ ପ୍ରକୃତି ଓ ପରିସ୍ଥିତିର କାରଣ ପ୍ରାଣୀଗଣ ହେବେ ଅଥବା ଈଶ୍ୱର । କୌଣସି ତୃତୀୟ ବସ୍ତୁ ନାହିଁ ଯାହାକୁ ଏହି ଅସମାନତାର ଉତ୍ତରଦାୟୀ କରାଯାଇ ପାରିବ । ଈଶ୍ୱର ବି ଏହାର ଉତ୍ତରଦାୟୀ ହୋଇପାରିବେ ନାହିଁ, ନଚେତ୍ ଈଶ୍ୱରଙ୍କ ଉପରେ ଅନ୍ୟାୟ ଓ କ୍ରୂରତା ଉଭୟ ଦୋଷ ଲାଗିବ । ଅନ୍ୟାୟ ତାହାକୁ କହନ୍ତି ଯେ ବିନା ଅପରାଧରେ କୌଣସି ପ୍ରାଣୀକୁ ଦଣ୍ଡ ଦେବା । ସେହି ସତ୍ତାର କ୍ରୂରତାର ବିଷୟରେ କ'ଣ କୁହାଯିବ ଯିଏ ପ୍ରାଣୀମାନଙ୍କୁ ନିର୍ମାଣ କରିବେ ପୁଣି ଦୁଃଖ ବି ଦେବେ ! ଈଶ୍ୱର ଯେଉଁ ପ୍ରାଣୀମାନଙ୍କୁ ସଂସାରକୁ ପଠାନ୍ତି ସେମାନଙ୍କ ମଧ୍ୟରେ ଅନେକ ଜନ୍ମାନ୍ଧ ତଥା ଅନ୍ୟ ଦୁଃଖରେ ପୀଡ଼ିତ ହୋଇଥାନ୍ତି । ଯଦି ଈଶ୍ୱର ସେମାନଙ୍କୁ ଉତ୍ପନ୍ନ କରିଛନ୍ତି ଏବଂ ବିନା ଦୋଷରେ ସେମାନଙ୍କୁ ଦୁଃଖ ଦିଅନ୍ତି, ତେବେ ଈଶ୍ୱର ନିଶ୍ଚିତ ରୂପେ ମହାକ୍ରୂର । ଯେଉଁମାନେ ଏ କଥା କହନ୍ତି ଯେ ଈଶ୍ୱରଙ୍କର ଏହି ଅଧିକାର ରହିଛି ଯେ ସିଏ ଯାହାକୁ ଚାହିଁବେ ଦୁଃଖ ଦେବେ ଓ ଯାହାକୁ ଚାହିଁବେ ସୁଖ ଦେବେ, ସେମାନେ ଏହା ବୁଝନ୍ତି ନାହିଁ କି ଏପରି ଅଧିକାର ଥିବା ବ୍ୟକ୍ତିଙ୍କୁ ହିଁ ଅନ୍ୟାୟୀ ଏବଂ କ୍ରୂର ବୋଲି କୁହାଯାଏ । ଅଧିକାରର ଅସ୍ତିତ୍ୱ ପାଇଁ ବି କିଛି କାରଣ ରହିଥାଏ । ରାଜାଙ୍କର କିଛି ଅଧିକାର ଥାଏ, ତାହା ଏଥିପାଇଁ ନୁହେଁ ଯେ ସିଏ ଶକ୍ତିଶାଳୀ ଅଟନ୍ତି, ବରଂ ଏଥିପାଇଁ ଯେ ପ୍ରଜାଙ୍କର କଲ୍ୟାଣ ପାଇଁ ରାଜାଙ୍କଠାରେ ସେହି ଅଧିକାରର ଆବଶ୍ୟକତା ରହିଛି । ରାଜା ପ୍ରଜାଙ୍କୁ ନିର୍ମାଣ କରନ୍ତି ନାହିଁ । ପ୍ରଜାମାନେ ଅନେକ ପ୍ରକାର ଦୋଷ କରିଥାନ୍ତି ଯାହାର ନିବାରଣ ପାଇଁ ଶାସକଙ୍କୁ କିଛି ଅଧିକାରର ଆବଶ୍ୟକତା ପଡ଼ିଥାଏ । ଈଶ୍ୱରଙ୍କର ସ୍ଥିତି ବି ଏହିପରି । ଯଦି କୁହାଯାଏ ଯେ ଈଶ୍ୱର ନିଜର ଉପାସନା ପାଇଁ ଜୀବଙ୍କୁ ନିର୍ମାଣ କରିଛନ୍ତି, ତେବେ ତାହା ବି ଠିକ୍ ନୁହେଁ । କାରଣ ଏଥିରେ ଘୋର ସ୍ୱାର୍ଥପରତା ରହିଛି ।

ଏଥିରୁ ସିଦ୍ଧ ହେଉଛି କି ଅସମାନତାର ଉତ୍ତରଦାୟିତ୍ୱ ସିଧାସଳଖ ଜୀବଗଣଙ୍କ ଉପରେ । ଯଦି ପ୍ରାଣୀଗଣ ଅସମାନ ପ୍ରକୃତି ସହିତ ତଥା ଅସମାନ ପରିସ୍ଥିତିରେ ଉତ୍ପନ୍ନ ହୋଇଛନ୍ତି ତେବେ ପ୍ରମାଣିତ ହେଉଛି କି ଏହି ଜନ୍ମ ପୂର୍ବରୁ ସେମାନେ ବିଦ୍ୟମାନ ଥିଲେ ଏବଂ ସେମାନେ ଏପରି କିଛି କାର୍ଯ୍ୟ କରିଥିଲେ ଯେଉଁ କାରଣରୁ ବର୍ତ୍ତମାନର ଅସମାନତା ହେଲା । ଏହାକୁ ପୁନର୍ଜନ୍ମ କହନ୍ତି ।

## ପୁନର୍ଜନ୍ମ ଉପରେ ଲୋକଙ୍କ ଆକ୍ଷେପ ଓ ତା'ର ଉତ୍ତର

**୧.** ଯଦି ଏହି ଜୀବନ ପୂର୍ବରୁ ଅନ୍ୟ କୌଣସି ଜୀବନ ଥିଲା, ତେବେ ତାହାର ସ୍ମୃତି ରହୁନାହିଁ କାହିଁକି ?

**ଉତ୍ତର —** ଏହି ଆକ୍ଷେପ ଠିକ୍ ନୁହେଁ, କାରଣ ସ୍ମରଣ ନ ରହିବା ଅସ୍ତିତ୍ୱ ନ ଥିବାର ହେତୁ ନୁହେଁ। ଆମକୁ ନିଜର ଏହି ଜୀବନର ଅନେକ ଘଟଣା ବି ସ୍ମରଣ ରହେ ନାହିଁ। ଉଦାହରଣସ୍ୱରୂପ ଆମେ ଯେତେବେଳେ ରାତି ୧୦ ଘଣ୍ଟା ସମୟରେ ଶୋଇ ଭୋର ୪ ଘଣ୍ଟା ସମୟରେ ଉଠୁ, ସେହି ୬ ଘଣ୍ଟାର କିଛି ବି ସ୍ମୃତି ଆମର ରହେ ନାହିଁ। କିନ୍ତୁ ଆମେ ଏହି ସମୟରେ ନିଜର ଅସ୍ତିତ୍ୱକୁ ଅସ୍ୱୀକାର ତ କରୁ ନାହିଁ। ଏହିପରି ସ୍ମରଣ ରହିବା ଅଥବା ନ ରହିବା ତ ମସ୍ତିଷ୍କ ଶକ୍ତିର ଅଧୀନ ଅଟେ। ଏହା ସହିତ ଅସ୍ତିତ୍ୱର କୌଣସି ସମ୍ବନ୍ଧ ନାହିଁ।

**୨.** ଏପରି ଦଣ୍ଡ ଦେଲେ ଲାଭ କ'ଣ ଯାହାର କାରଣ ଦଣ୍ଡ ପାଉଥିବା ବ୍ୟକ୍ତିର ସ୍ମରଣ ରହେ ନାହିଁ?

**ଉତ୍ତର —** ଲୋକେ ଏହା ବୁଝନ୍ତି ନାହିଁ ଯେ ପାପକୁ ହଟାଇବାର ସାଧନ ସେହି ପାପର ସ୍ମୃତି ନୁହେଁ, ବରଂ ତାହାର ବିସ୍ମୃତି ବା ତାହାକୁ ସର୍ବଥା ଭୁଲିଯିବା। ଯେଉଁ ପାପର ସ୍ମୃତି ରହେ ସେହି ପାପର ସଂସ୍କାର ବି ରହିଥାଏ। ଯେତେବେଳେ ମୋର ସ୍ମରଣ ରହେ ଯେ ଅମୁକ ପାପର ଅମୁକ ଦଣ୍ଡ ମୋତେ ମିଳୁଛି, ସେତେବେଳେ ସେହି ପାପର ସଂସ୍କାର ବି ମୋ ଭିତରେ ଅଛି। ସଂସ୍କାର ସେତେବେଳେ ଦୂର ହେବ ଯେତେବେଳେ ତାହାର ସାମାନ୍ୟ ମାତ୍ର ଚିହ୍ନ ବି ମୋ ମନରେ ନ ରହିବ। ଯଦି ପ୍ରାଣୀକୁ ପୂର୍ବଜନ୍ମର ସ୍ମୃତି ରହିବ, ତେବେ ପୁରୁଣା ସ୍ମୃତି-ସଂସ୍କାରର ଉପସ୍ଥିତି ହେତୁ ସେ ଉନ୍ନତି କରିପାରିବ ନାହିଁ।

**୩.** ଦଣ୍ଡ ତାକୁ ଦେବା ଉଚିତ ଯିଏ ଅପରାଧ କରିଛି। ମନେକରନ୍ତୁ କି 'କ' ନାମକ ଆତ୍ମା ପୂର୍ବଜନ୍ମରେ ରମେଶ ନାମକ ଏକ ବ୍ରାହ୍ମଣ ଥିଲା। ସେ କିଛି ଅପରାଧ କଲା। ବର୍ତ୍ତମାନ ଏ ଜନ୍ମରେ ସେ ହରୀଶ ନାମକ ସୁନାରି ହୋଇଗଲା। ଅପରାଧ ତ କଲା 'ରମେଶ ବ୍ରାହ୍ମଣ' ଏବଂ ଦଣ୍ଡ ମିଳିଲା 'ହରୀଶ ସୁନାରି'କୁ, କରିବ ଜଣେ ଏବଂ ଭୋଗିବ ଆଉ ଜଣେ। ତଦ୍ଦ୍ୱାରା ଈଶ୍ୱର ଅନ୍ୟାୟୀ ସିଦ୍ଧ ହୁଅନ୍ତି।

**ଉତ୍ତର —** ଏହି ଆକ୍ଷେପ କରୁଥିବା ବ୍ୟକ୍ତି, ଆତ୍ମା ଓ ଶରୀରର ସମ୍ବନ୍ଧ କ'ଣ ତାହା ବୁଝନ୍ତି ନାହିଁ। 'ରମେଶ ବ୍ରାହ୍ମଣ' ଏବଂ 'ହରୀଶ ସୁନାରି'ର ଆତ୍ମା ତ ଏକ ଥିଲା, ଶରୀର ଭିନ୍ନ-ଭିନ୍ନ ଥିଲା। କିନ୍ତୁ ଶରୀର ତ କର୍ତ୍ତା ନୁହେଁ, କେବଳ ସାଧନ ମାତ୍ର। ଅପରାଧର ସାଧନ ଓ ଦଣ୍ଡର ସାଧନ ଏକ ହୁଏ ନାହିଁ। ଯଦି ମୁଁ କାହାକୁ ଖଣ୍ଡାରେ ମାରିଦିଏ ତେବେ ମୋତେ ଫାଶୀ ମିଳିବ, ଅର୍ଥାତ୍ ଅପରାଧର ସାଧନ ହେବ ଖଣ୍ଡା ଏବଂ ଦଣ୍ଡର ସାଧନ ଫାଶୀ। ଆତ୍ମା ଏକ ହୋଇଥିଲେ ଶରୀର ଭିନ୍ନ-ଭିନ୍ନ ହୋଇଗଲେ ବି ବ୍ୟକ୍ତିର ଭିନ୍ନତା ହୁଏ ନାହିଁ। ଗୀତାରେ କୁହାଯାଇଛି —

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ॥** (ଗୀତା. ୨:୨୨)

ଯେପରି ପୁରାତନ ବସ୍ତ୍ର ବାହାର କରି ଆମେ ନୂତନ ବସ୍ତ୍ର ଧାରଣ କରୁ ସେହିପରି ଆତ୍ମା ପୁରୁଣା ଶରୀରକୁ ଛାଡ଼ି ନୂଆ ଶରୀର ଧାରଣ କରିଥାଏ। ଯଦି ମୁଁ କୋଟ ପିନ୍ଧି ଚୋରି କରେ ଏବଂ ମୋର ନାମ 'କୋଟଧାରୀ' ରଖି ଦିଆଯାଏ ତେବେ କ'ଣ ଏହା ଆବଶ୍ୟକ ହେବ ଯେ ମୋତେ ଦଣ୍ଡ ବି କୋଟ ପରିଧାନ କରାଇ ହିଁ ଦିଆଯିବ? ବ୍ୟକ୍ତିମାନଙ୍କର ଭିନ୍ନତା ତ ସେତେବେଳେ ହୁଏ ଯେତେବେଳେ ଆତ୍ମା ବଦଳିଯାଏ। ଆତ୍ମାର ସାଧନ ବଦଳିଯିବା ଦ୍ୱାରା କିଛି ହୁଏ ନାହିଁ।

**୪.** ମନୁଷ୍ୟର ସ୍ୱାଭାବିକ ସ୍ୱାଭିମାନ ଏହାକୁ ସ୍ୱୀକାର କରିବାକୁ ଅନୁମତି ଦିଏ ନାହିଁ କି ମୁଁ ପୂର୍ବେ ଗଧ ବା ଘୋଡ଼ା ଥିଲି ଅଥବା କେବେ ଆଗାମୀ ଜନ୍ମରେ ଘୁଷୁରି ବା କୁକୁର ହୋଇଯିବି ।

**ଉତ୍ତର —** ଏହି ଆକ୍ଷେପ ଯୁକ୍ତିଶୂନ୍ୟ ଅଟେ । କାରଣ ଯଦ୍ୟପି ଆମକୁ ଏ କଥା ମାନିବାକୁ ଭଲ ଲାଗେ ନାହିଁ ଯେ କୌଣସି ସମୟରେ ମୁଁ ଅତ୍ୟନ୍ତ ଶକ୍ତିହୀନ ବାଳକ ଥିଲି, ଶେଯରେ ମଳ-ମୂତ୍ର ତ୍ୟାଗ କରୁଥିଲି ବା ଅନ୍ୟ କୁଚେଷ୍ଟା କରୁଥିଲି କିମ୍ବା ବୃଦ୍ଧ ହେବା ପରେ ମୁଁ ଅତ୍ୟନ୍ତ ଦୁର୍ବଳ, ରୋଗୀ ତଥା ଦୃଷ୍ଟି-ଶକ୍ତି ଓ ଶ୍ରବଣ-ଶକ୍ତି ହୀନ ହୋଇଯିବି, ତଥାପି ବାସ୍ତବରେ ମୁଁ ଏପରି ହିଁ ଦୁର୍ବଳ ଥିଲି ଏବଂ ଭବିଷ୍ୟତରେ ବି ଦୁର୍ବଳ ହେବି । ଅନେକ ଖ୍ରୀଷ୍ଟିଆନ, ମୁସଲମାନ କହନ୍ତି ଯେ ପୁନର୍ଜନ୍ମକୁ ସ୍ୱୀକାର କରି ତୁମେ ଏପରି କାହିଁକି ମାନୁଛ ଯେ 'ମୁଁ ଗଧ ବା ଘୁଷୁରି ହୋଇପାରେ ।' ମୁଁ କହେ ଯେ ଏହା ମାନିବା କିମ୍ବା ନ ମାନିବାରେ କିଛି ନାହିଁ । ଆମ ଚାହିଁବାରେ କ'ଣ ହୋଇଥାଏ ? ଆମେ ଚାହୁଁ ଯେ ପାପ କରିବୁ, କିନ୍ତୁ ଦଣ୍ଡ ପାଇବୁ ନାହିଁ । ଚୋରି କରିବୁ, କିନ୍ତୁ ଦଣ୍ଡ ନ ମିଳୁ । କିନ୍ତୁ ଆମର ଏ ଇଚ୍ଛା କ'ଣ ପୂର୍ଣ୍ଣ ହୋଇପାରିବ ? ମିଥ୍ୟା ଆତ୍ମଗୌରବରେ କିଛି ହୁଏ ନାହିଁ । ଯେଉଁମାନେ ଗଧ କି ଘୁଷୁରି ହେବାକୁ ଚାହାଁନ୍ତି ନାହିଁ, କିନ୍ତୁ ଯଦି ତାଙ୍କର କର୍ମ ନିକୃଷ୍ଟ ହୁଏ ତେବେ ତାଙ୍କୁ ବି ଗଧ ବା ଘୁଷୁରି ହେବାକୁ ହିଁ ହେବ ।

**୫.** କିଛି ଲୋକ, ଯଥା ଥିଓସୋଫିକଲ୍ ସୋସାଇଟିର ଅନୁଗାମୀମାନେ, ଏହା ତ ମାନନ୍ତି ଯେ ପୁନର୍ଜନ୍ମ ହୋଇଥାଏ; କିନ୍ତୁ ସେମାନେ କହନ୍ତି କି ପୁନର୍ଜନ୍ମ ପୂର୍ବ ଅପେକ୍ଷା ଉନ୍ନତ ଯୋନିରେ ହିଁ ହୋଇଥାଏ, ନିକୃଷ୍ଟ ଯୋନିରେ ନୁହେଁ । ଅର୍ଥାତ୍ ଗୋଟିଏ ଗଧ ତ ମନୁଷ୍ୟ ହୋଇପାରେ, କିନ୍ତୁ ମନୁଷ୍ୟ କଦାପି ଗଧ ହୋଇନପାରେ । କାରଣ ସୃଷ୍ଟିର ନିୟମ ଉନ୍ନତି କରିବା ପାଇଁ ହୋଇଛି, ଅବନତି କରିବା ପାଇଁ ନୁହେଁ ।

**ଉତ୍ତର —** ଆମେ ଏହି ସିଦ୍ଧାନ୍ତ ସହ ସହମତ ନୋହୁଁ । ଏହା ତ ଠିକ୍ ଯେ ସୃଷ୍ଟିର ସମସ୍ତ ନିୟମ ଆମର କଲ୍ୟାଣ ପାଇଁ ହିଁ ହୋଇଛି, କିନ୍ତୁ ଏହି ନିୟମ ଆମକୁ ବାଧିତ କରେ ନାହିଁ । କର୍ମ କରିବାରେ ଜୀବ ସ୍ୱତନ୍ତ୍ର । ଯେପରି କରିବ ସେପରି ପାଇବ । ଏହା ତ ସ୍ପଷ୍ଟ ଦେଖାଯାଏ ଯେ କେବେ ଆମେ ଉନ୍ନତି କରୁ ଏବଂ ଆଉ କେବେ ଅବନତି । କେବେ ରାଜା କାଙ୍ଗାଳ ହୋଇଯାଏ ଓ କେବେ ରଙ୍କ ରାଜା । ଏଣୁ ଏହିପରି ଖଞ୍ଜା ପୁନର୍ଜନ୍ମ ସିଦ୍ଧାନ୍ତକୁ ସିଦ୍ଧାନ୍ତ ରୂପେ ଗ୍ରହଣ କରାଯାଇପାରିବ ନାହିଁ ।

## ପୁନର୍ଜନ୍ମକୁ ନ ମାନୁଥିବା ଲୋକଙ୍କ ପ୍ରତି ଆମର ଆକ୍ଷେପ

୧. ପ୍ରାଣୀମାନଙ୍କର ପ୍ରକୃତି ଓ ପରିସ୍ଥିତିର ଅସମାନତାର କାରଣ କ'ଣ ? କ'ଣ କାରଣ ଯେ କେହିକେହି ଆଠ-ଦଶ ବର୍ଷର ବାଳକ ପ୍ରସିଦ୍ଧ ଗାୟକ ହେବାବେଳେ ଆଉ କାହାକୁ ଆଦୌ ଗୀତ ଗାଇ ଆସେ ନାହିଁ ? ଅନ୍ୟ ଯୋଗ୍ୟତାମାନଙ୍କର ସ୍ଥିତି ମଧ୍ୟ ଏହିପରି ।

୨. ଯଦି ପୁନର୍ଜନ୍ମ ହୁଏ ନାହିଁ ତେବେ ଏପରି ପ୍ରାଣୀମାନଙ୍କର ଉତ୍ପତ୍ତି କାହିଁକି ହୁଏ ଯେଉଁମାନେ ଜନ୍ମର ଦିନେ ବା ଦୁଇ ଦିନ ପରେ ଅଥବା ଗର୍ଭରେ ହିଁ ମରିଯାଆନ୍ତି ? ଏମାନଙ୍କର ଜୀବନର ଆବଶ୍ୟକତା କ'ଣ ? ଏମାନଙ୍କୁ ଯଦି ନର୍କ ମିଳିବ, ତେବେ କାହିଁକି ? ଆଉ ଯଦି ସ୍ୱର୍ଗ ମିଳିବ, ତେବେ ତା' ବି କାହିଁକି ? କାରଣ ଯେଉଁ ଅବସ୍ଥାରେ ସେମାନେ ଉତ୍ପନ୍ନ ହୁଅନ୍ତି ସେଥିରେ ସେମାନେ କିଛି ଉତ୍ତରଦାୟିତ୍ୱ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବା ସମ୍ଭବ ନୁହେଁ ।

୩. ଯେହେତୁ ଜୀବାତ୍ମା ଏକ ଅସଂଯୁକ୍ତ ବସ୍ତୁ, ତାହାକୁ ଖଣ୍ଡ-ଖଣ୍ଡ କରାଯାଇପାରେ ନାହିଁ, ତେଣୁ ସେ ଅନନ୍ତ କାଳ ପର୍ଯ୍ୟନ୍ତ ରହିବ, କେବେ ବି ନଷ୍ଟ ହୋଇପାରିବ ନାହିଁ । ଜୀବାତ୍ମା ଯଦି ଜନ୍ମ-ମୃତ୍ୟୁ(ପୁନର୍ଜନ୍ମ)

ଚକ୍ରରେ ନ ଆସେ, ତେବେ ତାକୁ ଏହି ଅନନ୍ତ ଜୀବନରୁ କେବଳ ଦୁଇ-ଚାରି ବା ପଚାଶ-ଶହେ ବର୍ଷ ହିଁ କାର୍ଯ୍ୟ କରିବା ପାଇଁ ସୁଯୋଗ କାହିଁକି ଦିଆଗଲା ?

୪. ଖ୍ରୀଷ୍ଟିଆନ ଓ ମୁସଲମାନମାନେ ମାନିଥାନ୍ତି ଯେ ପ୍ରଳୟ ଦିନ ଶବଗୁଡ଼ିକ କବରରୁ ଉଠିବେ । ଏଠାରେ ପ୍ରଶ୍ନ ଉଠେ ଯେ ଏମାନଙ୍କ ଶରୀର ଉଠିବ ନା ଜୀବାତ୍ମା, ଅଥବା ଉଭୟେ ? ଯଦି କୁହାଯାଏ ଯେ ଜୀବାତ୍ମାଗଣ ଉଠିବେ ଏବଂ ତାଙ୍କୁ ନୂତନ ଶରୀର ମିଳିବ ତେବେ ଏହା ମଧ୍ୟ ଏକ ପ୍ରକାର ପୁନର୍ଜନ୍ମ ହିଁ ହେବ । ଯଦି କୁହାଯାଏ ଯେ ପୁରୁଣା ଶରୀର ସହିତ ଉଠିବେ ତେବେ ସେହି ଶରୀର ସବୁ କେଉଁଠାରୁ ଆସିବ ? କାରଣ ଶରୀର ପଚି-ସଢ଼ି କିମ୍ବା ଅଗ୍ନିରେ ଜଳି-ପୋଡ଼ି ନଷ୍ଟ ହୋଇଯାଇଥାଏ । ମନେକରନ୍ତୁ ଉମର ନାମକ ଜଣେ ବ୍ୟକ୍ତି ଥିଲା । ସେ ମରିଗଲା । ତାକୁ କବର ଦିଆଗଲା । ତାହାର କବର ଉପରେ ଘାସ ଉଠିଥିଲା । ସେହି ଘାସ ତାହାର ଶରୀରର ପରିବର୍ତ୍ତିତ ରୂପ ଥିଲା । ସେହି ଘାସକୁ ଛେଳି ଖାଇଲା । ଛେଳିର ମାଂସ ବକର୍ ନାମକ ଅନ୍ୟ ଏକ ମନୁଷ୍ୟ ଖାଇଲା । ଏହିପରି ଭାବେ ଉମରର ଶରୀରର ଅବୟବ ବକର୍‌ର ଶରୀରର ଅବୟବ ହୋଇଗଲା । ପ୍ରଳୟ ଦିନ ଯେତେବେଳେ ଉମର୍ ଓ ବକର୍ ଉଭୟଙ୍କର ଜୀବାତ୍ମା ଉଠିବେ, ସେତେବେଳେ କେଉଁ ଶରୀରରେ ପ୍ରତ୍ୟେକ ଅଙ୍ଗ ପାଇଁ କଳି କରିବେ ? ଦ୍ୱିତୀୟ ପ୍ରଶ୍ନ ଏହା ଯେ ଜୀବାତ୍ମାଗୁଡ଼ିକ ପ୍ରଳୟ ପର୍ଯ୍ୟନ୍ତ କେଉଁଠି ରହିବେ ଓ କ'ଣ କରିବେ ? ଯେଉଁମାନେ ଭାବନ୍ତି ଯେ କବରରେ ଆତ୍ମାମାନେ ରହନ୍ତି, ସେମାନଙ୍କୁ ଏହା ଜଣା ନାହିଁ ଯେ ଯେତେବେଳ ପର୍ଯ୍ୟନ୍ତ ଆତ୍ମା ଶରୀରରେ ରହେ ସେତେବେଳ ପର୍ଯ୍ୟନ୍ତ ଶରୀରକୁ ମୃତ ବୋଲି କୁହାଯାଇ ପାରିବ ନାହିଁ । ଯୀଶୁଙ୍କ ମୃତ୍ୟୁ ହୋଇଛି ବୋଲି ଖ୍ରୀଷ୍ଟିଆନମାନେ କହିପାରନ୍ତି ନାହିଁ । ଖ୍ରୀଷ୍ଟିଆନମାନେ ଯୀଶୁଙ୍କ ମୃତ୍ୟୁ ପରେ ପୋତା ହେବା ଏବଂ ତୃତୀୟ ଦିନରେ କବରରୁ ଉଠିବା ବିଷୟକୁ ମାନନ୍ତି । ସେମାନେ ଏତିକି ବି ବିଚାର କରନ୍ତି ନାହିଁ ଯେ, ମୃତ୍ୟୁ ପରେ ଜୀବ ଶରୀରରୁ ପୃଥକ୍ ହୋଇଯାଏ । କବରରେ ଶବ ରହିଥାଏ, ଆତ୍ମା ନୁହେଁ । ତେଣୁ କବରରୁ କେହି କିପରି ଉଠିପାରିବ ? ଏହା ତ ସମ୍ଭବ ଯେ ଶୂଳି ଦେବା ସମୟରେ ଯୀଶୁଙ୍କ ମୃତ୍ୟୁ ହୋଇ ନ ଥିବ ଓ କବରରେ ତାଙ୍କୁ ଭୁଲବଶତଃ ମୂର୍ଚ୍ଛିତ ଅବସ୍ଥାରେ ପୋତି ଦିଆଯାଇଥିବ ଏବଂ ମୂର୍ଚ୍ଛା କଟିଯିବା ପରେ ସେ ସୁସ୍ଥ ହୋଇ ବଞ୍ଚି ଉଠିଥିବେ । କିନ୍ତୁ ଖ୍ରୀଷ୍ଟିଆନମାନେ ଏପରି ମାନନ୍ତି ନାହିଁ । ବାସ୍ତବରେ ପୁନର୍ଜନ୍ମକୁ ସ୍ୱୀକାର କରିବା ବ୍ୟତୀତ ସମସ୍ୟାର ସମାଧାନ ନାହିଁ । ଯଦି ପୁନର୍ଜନ୍ମ ନାହିଁ ତେବେ ପ୍ରଳୟ ପର୍ଯ୍ୟନ୍ତ ଜୀବମାନେ କ'ଣ କରୁଥିବେ ? କ'ଣ ଈଶ୍ୱର ଜୀବଗଣଙ୍କୁ ନିକମ୍ମା ହୋଇ ପଡ଼ି ରହିବାକୁ ତିଆରି କରିଛନ୍ତି ?

ବର୍ତ୍ତମାନ ପୁନର୍ଜନ୍ମର ସିଦ୍ଧି ପାଇଁ ବେଦରୁ କିଛି ପ୍ରମାଣ ଆମେ ଏଠାରେ ଉଲ୍ଲେଖ କରୁଛୁ —

## ବେଦର ପ୍ରମାଣ

**୧. ପୁନର୍ନୋ ଅସୁଂ ପୃଥିବୀ ଦଦାତୁ ପୁନର୍ଦ୍ୟୌର୍ଦେବୀ ପୁନରନ୍ତରିକ୍ଷମ୍ ।**
**ପୁନର୍ନଃ ସୋମସ୍ତନ୍ୱଂ ଦଦାତୁ ପୁନଃ ପୂଷା ପଥ୍ୟାଂ୩ୟା ସ୍ୱସ୍ତିଃ ॥** (ଋକ୍. ୧୦:୫୯:୭)

ପୃଥିବୀ, ଦ୍ୟୌ ଓ ଅନ୍ତରିକ୍ଷ ଆମକୁ ପୁଣି ପ୍ରାଣ ଦିଅନ୍ତୁ । ସୋମ ଆମକୁ ପୁଣି ଶରୀର ଦେଉ । ପୂଷା ଆମକୁ ପୁଣି କଲ୍ୟାଣକାରୀ ପଥ ପ୍ରଦର୍ଶନ କରୁ ।

**୨. ପୁନର୍ମନଃ ପୁନରାୟୁର୍ମଽଆଗନ୍ ପୁନଃ ପ୍ରାଣଃ ପୁନରାତ୍ମା ମଽଆଗନ୍ ପୁନଶ୍ଚକ୍ଷୁଃ ପୁନଃ ଶ୍ରୋତ୍ରଂ ମଽଆଗନ୍ ।**

**ବୈଶ୍ୱାନରୋଽଅଦବ୍ଧସ୍ତନୂପାଽଅଗ୍ନିର୍ନଃ ପାତୁ ଦୁରିତାଦବଦ୍ୟାତ୍ ॥** (ଯଜୁଃ. ୪:୧୫)

ଆମକୁ ପୁଣି ମନ ମିଳୁ, ପୁଣି ଜୀବନ ମିଳୁ, ପୁଣି ପ୍ରାଣ, ଆତ୍ମା, ଆଖି, କାନ ଆଦି ମିଳୁ । ବୈଶ୍ୱାନର ଅଗ୍ନି ଆମକୁ ସମସ୍ତ ଦୁର୍ବ୍ୟସନରୁ ସୁରକ୍ଷିତ ରଖୁ ।

**୩. ଅନଚ୍ଛୟେ ତୁରଗାତୁ ଜୀବମେଜଦ୍ ଧ୍ରୁବଂ ମଧ୍ୟ ଆ ପସ୍ତ୍ୟାନାମ୍ ।**
**ଜୀବୋ ମୃତସ୍ୟ ଚରତି ସ୍ୱଧାଭିରମର୍ତ୍ତ୍ୟୋ ମର୍ତ୍ତ୍ୟେନା ସୟୋନିଃ ॥** (ଋକ୍. ୧:୧୬୪:୩୦)

ଈଶ୍ୱର କହନ୍ତି କି ମୁଁ **(ତୁରଗାତୁ)** ଗତିକୁ **(ଅନତ୍)** ପ୍ରେରିତ କରେ ଏବଂ **(ଜୀବମ୍)** ଜୀବକୁ **(ଏଜତ୍)** ଚଳନା କରି **(ପସ୍ତ୍ୟାନାମ୍)** ଶରୀର **(ମଧ୍ୟ)** ମଧ୍ୟରେ **(ଧ୍ରୁବମ୍)** ନିଶ୍ଚିତ ରୂପେ **(ଶୟେ)** ବ୍ୟାପକ ଅଟେ **(ମୃତସ୍ୟ)** ମୃତ ପ୍ରାଣୀର **(ଅମର୍ତ୍ତ୍ୟୋ)** ଅମର **(ଜୀବଃ)** ଜୀବ **(ମର୍ତ୍ତ୍ୟେନ ସ୍ୱଧାଭିଃ)** ଜଡ଼ ପ୍ରକୃତି ସହ **(ସୟୋନିଃ)** ଶରୀର ଧାରଣ କରି **(ଚରତି)** ବିଚରଣ କରେ ।

ଏହି ମନ୍ତ୍ରରେ କୁହାଯାଇଛି ଯେ ଯିଏ ମରିଯାଏ ତାହାର ଆତ୍ମା(ଜୀବ) ଶରୀରକୁ ଧାରଣ କରି ବିଚରଣ କରେ ଅର୍ଥାତ୍ ଅନ୍ୟ ଅନେକ ଜନ୍ମ ନେଇଥାଏ ।

**୪. ଏତା ତେ ଅଗ୍ନେ ଜନିମା ସନାନି ପ୍ର ପୂର୍ବ୍ୟାୟ ନୂତନାନି ବୋଚମ୍ ।**
**ମହାନ୍ତି ବୃଷ୍ଣେ ସବନା କୃତେମା ଜନ୍ମଞ୍ଜନ୍ମନ୍ ନିହିତୋ ଜାତବେଦାଃ ॥** (ଋକ୍. ୩:୧:୨୦)

**(ଅଗ୍ନେ)** ହେ ଜୀବ ! **(ଏତା)** ଏହା **(ତେ)** ତୋର **(ସନାନି)** ସନାତନ **(ଜନିମା)** ଜନ୍ମ ଅଟେ । **(ପୂର୍ବ୍ୟାୟ)** ପୂର୍ବେ **(ନୂତନାନି)** ଏବଂ ନୂତନ **(ପ୍ରବୋଚମ୍)** ଯାହାକୁ ମୁଁ କହେ । **(ବୃଷ୍ଣେ)** ବଳ ପାଇଁ **(ଇମାନି)** ଏହି **(ମହାନ୍ତି)** ବିରାଟ **(ସବନା)** ଐଶ୍ୱର୍ଯ୍ୟ ଯୁକ୍ତ **(କୃତା)** ପରାକ୍ରମ **(ଜନ୍ମଞ୍ଜନ୍ମନ୍)** ଜନ୍ମ ଜନ୍ମାନ୍ତରରେ **(ନିହିତା)** ସ୍ଥାପିତ କରାଯାଇଛି ।

**୫. ଜନ୍ମଞ୍ଜନ୍ମନ୍ ନିହିତୋ ଜାତବେଦା ବିଶ୍ୱାମିତ୍ରେଭିରିଧ୍ୟତେ ଅଜସ୍ରଃ ।**
**ତସ୍ୟ ବୟଂ ସୁମତୌ ୟଜ୍ଞିୟସ୍ୟାପି ଭଦ୍ରେ ସୌମନସେ ସ୍ୟାମ ॥** (ଋକ୍. ୩:୧:୨୧)

**(ଜନ୍ମନ୍-ଜନ୍ମନ୍)** ଅନେକ ଜନ୍ମରେ **(ନିହିତଃ)** ସ୍ଥାପିତ **(ଜାତବେଦାଃ)** ଅଗ୍ନି **(ବିଶ୍ୱାମିତ୍ରେଭିଃ)** ସୁଧାରକ ପୁରୁଷଙ୍କ ଦ୍ୱାରା **(ଅଜସ୍ରଃ)** ନିରନ୍ତର **(ଇଧ୍ୟତେ)** ଅଗ୍ନିହୋତ୍ର କରାଯାଏ । **(ତସ୍ୟ ୟଜ୍ଞିୟସ୍ୟ)** ସେହି ଯଜ୍ଞର **(ସୁମତୌ)** ସୁମତିରେ **(ବୟଂ ଭଦ୍ରେ ସୌମନସେ ସ୍ୟାମ)** ଆମେ ଉତ୍ତମ ବିଚାର ଯୁକ୍ତ ହେଉ ।

**୬. ସଂ ଗଚ୍ଛସ୍ୱ ପିତୃଭିଃ ସଂ ୟମେନେଷ୍ଟାପୂର୍ତେ ନ ପରମେ ବ୍ୟୋମନ୍ ।**
**ହିତ୍ୱାୟାବଦ୍ୟଂ ପୁନରସ୍ତମେହି ସଂ ଗଚ୍ଛସ୍ୱ ତନ୍ୱା ସୁବର୍ଚାଃ ॥** (ଋକ୍. ୧୦:୧୪:୮)

ହେ ଜୀବ ! **(ଅବଦ୍ୟମ୍)** ପାପକୁ **(ହିତ୍ୱାୟ)** ଛାଡ଼ି **(ପୁନଃ)** ପୁଣି **(ଅସ୍ତମ୍)** ଶରୀରକୁ **(ଏହି)** ଧାରଣ କର । **(ପିତୃଭିଃ)** ପିତା-ମାତାଙ୍କ ସଙ୍ଗେ **(ସଂଗଚ୍ଛସ୍ୱ)** ସଂଗତି କର **(ପରମେ ବ୍ୟୋମନ୍)** ବିଶାଳ ସଂସାରରେ **(ସଂୟମେନ ଇଷ୍ଟାପୂର୍ତେନ)** ପୁଣ୍ୟ କର୍ମ ସହିତ **(ସୁବର୍ଚାଃ ତନ୍ୱାଃ)** ଉତ୍ତମ ଶରୀର ସହିତ **(ସଂ ଗଚ୍ଛସ୍ୱ)** ସଂଗତି କର ।

## ନିରୁକ୍ତର ପ୍ରମାଣ

**ମୃତଶ୍ଚାହଂ ପୁନର୍ଜାତୋ ଜାତଶ୍ଚାହଂ ପୁନର୍ମୃତଃ ।**
**ନାନା ୟୋନି ସହସ୍ରାଣି ମୟୋଷିତାନି ୟାନି ବୈ ॥** (ନିରୁକ୍ତ. ୧୪:୬)

ମୁଁ ମରିବା ପରେ ପୁଣି ଜନ୍ମ ହୁଏ । ଜନ୍ମ ହୋଇ ପୁଣି ମୃତ୍ୟୁବରଣ କରେ । ମୁଁ ଏହିପରି ହଜାର-ହଜାର ଯୋନିରେ ଜନ୍ମ ନେଇଥାଏ ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖




କୁନ୍ଦୁଲି ଗୁରୁକୁଳ ଆଶ୍ରମରେ ସ୍ୱାମୀଜୀଙ୍କ ପ୍ରବଚନ




ଦାମନଯୋଡ଼ିର ମାଉସୀମା' ମନ୍ଦିରରେ ସ୍ୱାମୀଜୀଙ୍କ ପ୍ରବଚନ




ଦାମନଯୋଡ଼ିର ନାଲକୋ କ୍ଲବରେ ସ୍ୱାମୀଜୀଙ୍କ ପ୍ରବଚନ




ଦାମନଯୋଡ଼ିର ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍ୱାମୀଜୀଙ୍କ ପ୍ରବଚନ




କୋରାପୁଟର ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍ୱାମୀଜୀଙ୍କ ପ୍ରବଚନ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 5 Issue 2 Jan. - Feb. 2020





କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ସ୍ୱାମୀଜୀଙ୍କ ପ୍ରବଚନ



କୋରାପୁଟର କାର୍ଯ୍ୟକ୍ରମର କର୍ମକର୍ତ୍ତାବୃନ୍ଦ



ଦାମନଯୋଡ଼ିରେ ଗୋପବନ୍ଧୁ ଜ୍ୟୋତିକୁ ସ୍ୱାଗତ

**Shruti Sourabha**

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**